RNI Regd No: ODIODI/2013/49749 • Postal Regd. No: CK/N/19/2025-27 • Website : www.swadhikar.in/epaper • E-Mail: swadhikar.news@gmail.com

ସାଧାରଣ ଜନତାର ସ୍ୱର

ସ୍ୱାଧିକାର

Swadhikar

ପୃଷ୍ଠାରେ...
୨ କାର୍ତ୍ତିକରେ ପରିବା ଦର ଆକାଶଛୁଆଁ
୩ ଯନ୍ତ୍ରାଙ୍କ ଲକରରୁ ୬୦୬ ଗ୍ରାମ ସୁନା ଜବତ
୬ ଭାରତ ପାଇଁ ଖୋଲା ଅଛି ହର୍ମୁଜ ଦ୍ୱାର
୮ ହାତଗୋଡ଼ ବାନ୍ଧି ବୃଦ୍ଧାଙ୍କୁ ହତ୍ୟା

VOLUME-14 • ISSUE-212• KENDRAPADA • THURSDAY, 05 NOVEMBER 2026 • PAGE-8 • ₹ 3.00 ବର୍ଷ-୧୪ • ସଂଖ୍ୟା-୨୧୨ • କେନ୍ଦ୍ରାପଡ଼ା • ନଭେମ୍ବର ୦୫, ୨୦୨୬ • ଗୁରୁବାର • ପୃଷ୍ଠା-୦୮ • ମୂଲ୍ୟ-୫୩.୦୦

କୋଟିଆ ପାଇଁ ଏକାଠି ଲଢ଼େଇ

- ଆନ୍ଧ୍ର ଫେରିଗଲେ ପୁଲିଂ ପାର୍ଟି
- ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ କୋଟିଆ ଅଞ୍ଚଳ କବ୍‌ଜା କଲା ଜିଲ୍ଲା ପ୍ରଶାସନ
- ସୀମା ଜଗିଲେ ସବୁ ଦଳର ନେତା
- ଘଟଣାସ୍ଥଳକୁ ଗଲେ ଆଉ ୮ ପ୍ଲାଟୁନ ଫୋର୍ସ

କୋରାପୁଟ,୪।୧୧(ସ୍ୱାଧିକାରନ୍ୟୁଜ): କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ଏବେ ନୂଆ ମୋଡ଼ ନେଇଛି। ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତର କରି ଆନ୍ଧ୍ରପ୍ରଦେଶ ସରକାର ଆସନ୍ତାକାଲି କୋଟିଆ ଗ୍ରାମପୁଞ୍ଜରେ ଫଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ବିଫଳ ହୋଇଛି। ଆନ୍ଧ୍ରର ଏଭଳି ଏକତରଫା ଦାଦାଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ରର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିଂ ପାର୍ଟି ଆଜି କୋଟିଆ ଛାଡ଼ିଥିବା ଜଣାପଡ଼ିଛି।

ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଂଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି। ସୀମାନ୍ତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଉ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ସରକାର ଆସନ୍ତାକାଲି କୋଟିଆରେ ମଣ୍ଡଳ ଓ ଫଚାୟତ ନିର୍ବାଚନ କରିବା ନିମନ୍ତେ ପୁଲିଂ ପାର୍ଟି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି କରିସାରିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଓ କୋରାପୁଟ ଜିଲ୍ଲା ପ୍ରଶାସନର ଚାପ ପରେ ଏହି ପୁଲିଂ ପାର୍ଟି ଫେରିଯାଇଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ସ୍ୱାର୍ଥ ସବୁଦଳର ନେତା ଓ କର୍ମୀମାନେ କୋଟିଆରେ ଏକଜୁଟ ହୋଇ ସୀମା ଜଗିଛନ୍ତି। ଏହାସହିତ କୋଟିଆରେ ଆସନ୍ତାକାଲି ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ ଥିବା ସୂଚନା ମିଳିଛି। ଏପଟେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରହସନକୁ କୌଣସି ପରିସ୍ଥିତିରେ ବି ସଫଳ ହେବାକୁ ଦିଆଯିବ ନାହିଁ। ଆଇନ ଉଲ୍ଲଂଘନ କରୁଥିବା ଆନ୍ଧ୍ର ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ଦାଏର କରାଯାଇଛି ଓ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। କୋଟିଆରେ ରାସ୍ତାଘାଟ, ସ୍କୁଲ ଓ ସମସ୍ତ ମୌଳିକ ଭିତ୍ତିଭୂମି ଓଡ଼ିଶା ହିଁ ନିର୍ମାଣ କରିଛି। ସେଠାରେ ଓଡ଼ିଶାର କାର୍ଯ୍ୟରତ ସରପଂଚ ତଥା ସମିତି ସଭ୍ୟ ରହିଛନ୍ତି। କୋଟିଆରେ ଆନ୍ଧ୍ରର ଗୋଟିଏ ହେଲେ ପ୍ରଶାସନିକ କାର୍ଯ୍ୟାଳୟ ନାହିଁ କିମ୍ବା ପୋଲିସ ଚେକପୋଷ୍ଟ ନାହିଁ। ଗତଥର ଏକ ଚର୍ଚ୍ଚ ଭିତରେ ବେଆଇନ ଭାବେ ପୋଲିଂ ଷ୍ଟେସନ କରି ନିର୍ବାଚନ କରିବାକୁ ଚେଷ୍ଟା କରାଯାଇଥିବାବେଳେ, ଏଥର କୋଟିଆ ଭିତରେ ଗୋଟିଏ ବି ପୋଲିଂ ଷ୍ଟେସନ କରିବାକୁ ସୁଯୋଗ ଦିଆଯାଇ ନାହିଁ। କେବଳ କୋଟିଆ ନୁହେଁ, ଅନ୍ୟ ସମସ୍ତ ସୀମାନ୍ତ ବିବାଦୀୟ ସ୍ଥାନ ଉପରେ ମଧ୍ୟ ସରକାର କଡ଼ା ନଜର ରଖିଛନ୍ତି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋଟିଆ ପ୍ରସଙ୍ଗରେ ଏବେ ରାଜ୍ୟର ସମସ୍ତ ରାଜନୀତିକ ଦଳ ଗୋଟିଏ ସ୍ୱରରେ ଏକାଠି ହୋଇ ସେମାନଙ୍କର ବିରୋଧ ଦର୍ଶାଉଛନ୍ତି।

ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, କୋଟିଆ(Kotia) ବିବାଦ କୌଣସି ନୂଆ ଘଟଣା ନୁହେଁ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ବିବାଦ ରହିଆସିଛି। ୧୯୩୬ ମସିହାରେ ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେବା ଦିନଠାରୁ ଏହି ପ୍ରସଙ୍ଗ ଅସମାହିତ ହୋଇ ପଡ଼ିରହିଛି। ୨୦୦୬ ମସିହାରେ ଉଭୟ ଆନ୍ଧ୍ର ଓ ଓଡ଼ିଶାକୁ ସେଠାରେ ସ୍ଥିତାବସ୍ଥା ବଜାୟ (ପୃ-୭)

ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୪।୧୧(ସ୍ୱାଧିକାରନ୍ୟୁଜ): କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ସରକାର ମୁହାଁମୁହିଁ ହୋଇଥିବାବେଳେ ବିରୋଧୀ ବିଜେଡି ଏଥିରୁ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏପରି ସ୍ଥିତିକୁ ଅତ୍ୟଧିକ ଗମ୍ଭୀର ଦର୍ଶାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦ୍ୱିତୀୟ ଥର ପାଇଁ ଚିଠି ଲେଖିଛନ୍ତି। ନବୀନ ଆଜି ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବିଜେପିର ୨୦୨୪ ନିର୍ବାଚନୀ ଇସ୍ତାହାର କଥା ମନେ ପକାଇ ଦେଇଛନ୍ତି। ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ 'କୋଟିଆ' ସମସ୍ୟାର ସମାଧାନ କରିବାକୁ କହିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଓ ଆନ୍ଧ୍ର ସରକାର ସହ ଉଚ୍ଚସ୍ତରୀୟ ଆଲୋଚନା କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ପଠାଇଥିବା ଚିଠିରେ ନବୀନ ଲେଖିଛନ୍ତି ଯେ କୋଟିଆ ପ୍ରସଙ୍ଗରେ ଗତ ଅକ୍ଟୋବର ୧୯ ତାରିଖରେ ସେ ଦେଇଥିବା ଚିଠି ଏବଂ ଅକ୍ଟୋବର ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତରର କ୍ରମରେ ସେ ଜାଣିବାକୁ ପାଇଛିନ୍ତି ଯେ କୋଟିଆରେ ସ୍ଥିତି ଆହୁରି ବିଗିଡ଼ି ଯାଇଛି। ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅଧିକାରୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଓ ଉତ୍ତେଜନା ବୃଦ୍ଧି ପାଇଛି। ଏହା ବିଶେଷ ଭାବରେ ଚିନ୍ତାଜନକ ଯେ, ଓଡ଼ିଶା ଉପରେ ଏହାର ପ୍ରଭାବ ପଡୁଥିଲେ ମଧ୍ୟ ଆନ୍ଧ୍ରପ୍ରଦେଶ ଆସନ୍ତାକାଲି କୋଟିଆରେ ନିର୍ବାଚନ କରିବାକୁ ଆଗକୁ ବଢୁଛି।

ନବୀନ ଲେଖିଛନ୍ତି, ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବଂ ଆସନ୍ତାକାଲିର ନିର୍ବାଚନକୁ ଦୃଷ୍ଟିରେ ରଖି, ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ସ୍ତରରେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ସମ୍ମୁଖରେ ଉତ୍ଥାପନ କରନ୍ତୁ। ଯେହେତୁ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଉଭୟ ବିଜେପି ନେତୃତ୍ୱାଧୀନ ଏନଡିଏ ରେ ଥିବା ଦଳଗୁଡ଼ିକ ଦ୍ୱାରା ଶାସିତ, ତେଣୁ ବିଜେପିର ୨୦୨୪ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଓଡ଼ିଶାର ଭୌଗୋଳିକ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ଜରୁରୀ ପଦକ୍ଷେପ ନିଆଯିବା ଆବଶ୍ୟକ।ସେ ଆହୁରି ଲେଖିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ, ରାଜ୍ୟର ଯଥାର୍ଥ ସ୍ୱାର୍ଥ ଦୃଢ଼ ଭାବରେ ସୁରକ୍ଷିତ ରହିବା ଏବଂ କୋଟିଆରେ ପରିସ୍ଥିତିକୁ ଆଉ ଅଧିକ ଜଟିଳ ହେବାକୁ ନ ଦେବା ନୈତିକ ଦାୟିତ୍ୱ ଆପଣଙ୍କର। ନବୀନ ଲେଖିଛନ୍ତି, ମୁଁ ଆଶା କରୁଛି ଯେ ବିଜେପି ନେତୃତ୍ୱ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସମ୍ମାନ ଦେବ ଏବଂ ଏହାର ୨୦୨୪ ନିର୍ବାଚନ ଇସ୍ତାହାରରେ ଗ୍ୟାରେଣ୍ଟି ଦିଆଯାଇଥିବା ମତେ କୋଟିଆ ପ୍ରସଙ୍ଗରେ କାର୍ଯ୍ୟ କରି ଦେଖାଇବ।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଯୋଗୁଁ ଓଡିଶା ସୀମାରେ ଆନ୍ଧ୍ର ସରକାର ଅନୁପ୍ରବେଶ କରୁଛନ୍ତି । ସୀମା ବିବାଦର ସମାଧାନ ପାଇଁ ବିଜେପି ସରକାରଙ୍କ (ପୃ-୭)

ବଢିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୪।୧୧(ସ୍ୱାଧିକାରନ୍ୟୁଜ): ବଢିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ। ସେନାରେ ଅଗ୍ନିବୀରଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ସିଡିଏସ୍ ଏନ୍ ଏସ୍ ରାଜା ସୁବ୍ରମଣି ଏହି ଘୋଷଣା କରିଛନ୍ତି।

ଅବ୍ୟାହତି ନେବାକୁ ଥିବା ୭୫% ଅଗ୍ନିବୀରଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି ଘୋଷଣା କରାଯାଇଛି। ୨ ବର୍ଷ ପରେ ଚୟନ ମାନଦଣ୍ଡ ପୂରଣ କଲେ ନିୟମିତ ସୈନିକ ଭାବେ ସାମିଲ୍ ହେବେ ଏହି ଅଗ୍ନିବୀରମାନେ।

ଅଗ୍ନିବୀରଙ୍କ କାର୍ଯ୍ୟ ଦକ୍ଷତା ଭଲ ରହିଛି ବୋଲି କହିଛନ୍ତି ସିଡିଏସ ଡିସେମ୍ବର ୩୧ ସୁଦ୍ଧା ୧୮ ହଜାର ୩୦୦ ଅଗ୍ନିବୀରଙ୍କ କାର୍ଯ୍ୟକାଳ ସରୁଛି। ପୂର୍ବ ନିୟମ ଅନୁସାରେ ୪ ବର୍ଷର ସେବା ପରେ ୨୫% ଅଗ୍ନିବୀର ସେନାରେ ସ୍ଥାୟୀ ନିଯୁକ୍ତି ପାଉଥିଲେ ଏବଂ ଅବଶିଷ୍ଟ ୭୫% ଅଗ୍ନିବୀରଙ୍କୁ ସେବାମୁକ୍ତ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ନୂଆ ନିଷ୍ପତ୍ତି ଅନୁଯାୟୀ, ସେହି ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଆଉ ଅଧିକ ୨ ବର୍ଷ ସଶସ୍ତ୍ର ବାହିନୀରେ ସେବା କରିବା ପାଇଁ ସୁଯୋଗ ମିଳିବ।

ଏହି ଅତିରିକ୍ତ ଦୁଇ ବର୍ଷର ସେବା ଅବଧି ମଧ୍ୟରେ ଅଗ୍ନିବୀରଙ୍କୁ ଅଧିକ ଦରମା ମିଳିବା ସହ ସେମାନଙ୍କର 'ସେବା ନିଧି' ପ୍ୟାକେଜ୍ କୁ ମଧ୍ୟ ବୃଦ୍ଧି କରାଯିବ।

୨୫,୪୭୩ କୋଟିର ୪ ପ୍ରସ୍ତାବରେ ମୋହର

ନୂଆଦିଲ୍ଲୀ, ୪।୧୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ୨୫,୪୭୩ କୋଟି ଟଙ୍କାର ୪ଟି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ୨୮୧୪ କୋଟି ଟଙ୍କା ଅଟକଳର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପ୍ରକ୍ରିୟାକରଣର ପ୍ରସାର ପାଇଁ ପୁଞ୍ଜି ସହାୟତା ଯୋଜନା ମଞ୍ଜୁର ହୋଇଛି। ସେହିପରି ଫାଷ୍ଟ୍ ଟ୍ରାକ୍ ସ୍ୱତନ୍ତ୍ର

କୋର୍ଟ ଯୋଜନାରେ ମଧ୍ୟ ମୋହର ଲାଗିଛି। ଏଥିପାଇଁ ୩୭୮୮ କୋଟି ଟଙ୍କା ବ୍ୟୟ ହେବ। ଗ୍ରିଡ୍ ସ୍ତରର ଶକ୍ତି ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି। ଏଥିପାଇଁ ୧୪,୫୦୦ କୋଟି ଟଙ୍କାର ଅଟକଳ ରହିଛି।

ପରିସଂଖ୍ୟାନ ରୂପାନ୍ତରଣ, ଆନାଲିଟିକ୍ସ ଓ ଗବେଷଣା ପାଇଁ ବିକଶିତ ଭାରତ ଅଭିଯାନ ନିମନ୍ତେ ୪,୩୭୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ (ପୃ-୭)

୯ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୪।୧୧(ସ୍ୱାଧିକାରନ୍ୟୁଜ): ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନଭେମ୍ବର ୯ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୯ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବା ସହିତ ଅନୁମୋଦନ ହେବାକୁ ରହିଛି। ବୈଠକ ସଂକ୍ରାନ୍ତରେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ମୁଖ୍ୟ ଶାସନ ସଚିବ ଗର୍ଗ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ୯ ତାରିଖ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସନ୍ନିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଉପସ୍ଥିତ ରହିବାକୁ ଅନୁରୋଧ କରୁଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତିରାଜ, ପୂର୍ତ୍ତ, ଜଙ୍ଗଲ ଓ ପରିବେଶ, ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ ଭଳି କେତେକ ବିଭାଗ ପକ୍ଷରୁ ପ୍ରସ୍ତାବମାନ ଆସିବାର ରହିଛି।

ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ଟ୍ରମ୍ପଙ୍କୁ ବଡ଼ ଝଟ୍‌କା

ୱାଶିଂଟନ,୪।୧୧(ଏଜେନ୍ସି): ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟ୍‌କା ମିଳିଛି। ରିପବ୍ଲିକାନ୍ ପାର୍ଟିକୁ ହରାଇ ଡେମୋକ୍ରାଟିକ୍ ପାର୍ଟି ବିଜୟ। ୫୧ ଆସନ ହାତେଇବା ସହ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଛି ବହୁମତ। ମୋଟ୍ ୧୦୦ ଆସନ ମଧ୍ୟରୁ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଲା ୫୧। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପରାଜୟବରଣ କରିଛି। ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ସିନେଟରେ ୫୨ଟି ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୨୧୮ଟି ଆସନ ଜିତି ବହୁମତ ହାସଲ କରିଛି।

ଏହି ନିର୍ବାଚନରେ ଆମେରିକାରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ବିଶେଷ କରି ଡେମୋକ୍ରାଟିକ୍ ଦଳର ଭାରତୀୟ-ଆମେରିକୀୟ ନେତାମାନେ ଏକାଧିକ ପ୍ରମୁଖ ଆସନରେ ବିଜୟ ହାସଲ କରି ଦେଶର ରାଜନୈତିକ ଦୃଶ୍ୟପଟ୍ଟରେ ନିଜର ପ୍ରଭାବ ଜାହିର କରିଛନ୍ତି ।

ଭାରତୀୟଙ୍କ ଦବ୍‌ଦବା

୨୦୨୬ ମସିହାର ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ଡେମୋକ୍ରାଟମାନେ ୨୦୨୦ ପରେ ପ୍ରଥମ ଥର ପାଇଁ ସେନେଟରେ ବହୁମତ ଏବଂ ଗୃହର ନିୟନ୍ତ୍ରଣ ହାସଲ କରିଛନ୍ତି। ବର୍ତ୍ତମାନର ଧାରା ଦର୍ଶାଉଛି ଯେ ଡେମୋକ୍ରାଟ ପାର୍ଟିର ବହୁମତ ୫୧ରେ ପହଞ୍ଚିଛି। ଟେକ୍ସାସ, ଦକ୍ଷିଣ କାରୋଲିନା ଏବଂ ଉତ୍ତର କାରୋଲିନା ଭଳି ରିପବ୍ଲିକାନ ଗଡ଼ରେ ଡେମୋକ୍ରାଟଙ୍କ ବିଜୟ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଗଣତକୁ ବଦଳାଇ ଦେଇଛି। ଦଳ ଜର୍ଜିଆ ଏବଂ ନ୍ୟୁ ହାମ୍ପଶାୟାରରେ ମଧ୍ୟ ପ୍ରମୁଖ ଆସନ ବଜାୟ ରଖିଛି। ଆଇନ ପାସ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ଅନୁମୋଦନ କରିବା ଟ୍ରମ୍ପଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇପାରେ।ଡେମୋକ୍ରାଟିକ୍ ପାର୍ଟି ୫୧ ସଂଖ୍ୟାଗରିଷ୍ଠତାରେ ପହଞ୍ଚିଛି। ଏହା ଦ୍ୱାରା ହାଉସ୍ ଉପରେ ରିପବ୍ଲିକାନ୍ ପାର୍ଟିର ନିୟନ୍ତ୍ରଣ ଶେଷ ହୋଇଛି।ନିର୍ବାଚନରେ, ଡେମୋକ୍ରାଟ୍‌ମାନେ ଦୀର୍ଘ ସମୟ (ପୃ-୭)

ଭାରତ ଉପରେ ପଡ଼ିବ ପ୍ରଭାବ!

ନୂଆଦିଲ୍ଲୀ,୪।୧୧: ସୁପରପାୱାର ଆମେରିକାର ରାଜନୀତିରେ ଏକ ବଡ଼ଧରଣର ଭୂକମ୍ପ ସୃଷ୍ଟି ହୋଇଛି। ଆମେରିକୀୟ (ମଧ୍ୟବର୍ତ୍ତୀକାଳୀନ) ନିର୍ୱାଚନର ଯେଉଁ ଫଳାଫଳ ସାମ୍ନାକୁ ଆସିଛି, ତାହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସୁବିଧାକୁ ବେଶ ବଢ଼ାଇ ଦେଇଛି। ଏହି ଫଳାଫଳ ପରେ ଆମେରିକୀୟ ସଂସଦ (କଂଗ୍ରେସ)ର ଉଭୟ ଗୃହ ଉପରେ ବିରୋଧୀ ଡେମୋକ୍ରାଟିକ ପାର୍ଟିର କବ୍ଜା ହୋଇଯାଇଛି। ହାଉସ ଅଫ ରିପ୍ରେଜେଣ୍ଟେଟିଭ ପରେ ବର୍ତ୍ତମାନ ସିନେଟ୍ରେ ମଧ୍ୟ ଡେମୋକ୍ରାଟ୍ସମାନେ ସ୍ପଷ୍ଟ ବହୁମତ ହାସଲ କରିଛନ୍ତି, ଯେତେବେଳେ କି ନିର୍ବାଚନ ପୂର୍ବରୁ ଉଭୟ ଗୃହ ଉପରେ ରିପବ୍ଲିକାନ ପାର୍ଟିର ନିୟନ୍ତ୍ରଣ ରହିଥିଲା। ଆମେରିକାର ଏହି ରାଜନୈତିକ ହାଲଚାଲର ଭାରତର ବୈଦେଶିକ ନୀତି, ଟ୍ରେଡ ଡିଲ (ବାଣିଜ୍ୟ ଚୁକ୍ତି), କାଶ୍ମୀର ଏବଂ ଏଚ-୨ବି ଭିସା ଉପରେ କ'ଣ ପ୍ରଭାବ ପଡ଼ିବ? (ପୃ-୭)

ଗୃହ ମନ୍ତ୍ରୀଙ୍କୁ ଭେଟିଲେ ମୋହନ

ଭୁବନେଶ୍ୱର,୪।୧୧(ସ୍ୱାଧିକାରନ୍ୟୁଜ): ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତିଏହି ଅବସରରେ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ସ୍ଥିତି, ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭ

ବ୍ରାହ୍ମଣ ମହାସଙ୍ଘ ବୈଠକ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗୋଷ୍ପେଶ୍ୱର ମହାଦେବ ମନ୍ଦିର ପରିଚାଳକ ସମାଜସେବୀ ବିଷ୍ଣୁ ଚରଣ ମହାପାତ୍ରଙ୍କ ଆବାହକତ୍ୱରେ ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ । ଏଥିରେ ଜିଲ୍ଲା ସମ୍ପାଦକ ହରେକୃଷ୍ଣ ପତି, ସଂଗଠନ ସମ୍ପାଦକ ତପନ କୁମାର ଦାଶ, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, ନିମାଇଁ ଚରଣ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାକାଳପଡା ବ୍ଲକ ସଭାପତି ମାନସ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଗୋପିନାଥପୁର ଶାସନ, ନଳଦିଆ ଶାସନ, ବେଲାର ନୂଆଗାଁ, କରଞ୍ଜ, ଯଦୁପୁର, ମଶାକଣୀ ପ୍ରଭୃତି ଗ୍ରାମରୁ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ, କର୍ମକାଣ୍ଡବିତ ପଣ୍ଡିତମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ବିପିନ ବିହାରୀ ଦାଶ, ବ୍ଲକ ସମ୍ପାଦକ ତଥା କର୍ମକାଣ୍ଡବିତ ଅମୀୟ ତ୍ରିପାଠୀ, କୋଷାଧ୍ୟକ୍ଷ ସତ୍ୟବ୍ରତ ନନ୍ଦ ପ୍ରମୁଖ ସଭାପରିଚାଳନାରେ ସହଯୋଗ କରିଥିଲେ । ବ୍ରାହ୍ମଣଜାତିକୁ ସରକାରଙ୍କ ଅବହେଳା, ବ୍ରାହ୍ମଣ ଯୁବକମାନଙ୍କୁ ନିଯୁକ୍ତି, ବ୍ରାହ୍ମଣ ସଂସ୍କାର, ସଂସ୍କୃତି, ଜୀବନଚର୍ଯ୍ୟା ଉପରେ ଜିଲ୍ଲା ସଂଗଠନ ସମ୍ପାଦକ ଆଲୋକପାତ କରିଥିଲେ । ବ୍ଲକର ପ୍ରତି ଗ୍ରାମରେ ବ୍ରାହ୍ମଣ ମହାସଙ୍ଘର ସଭା ଆଗାମୀ ଦିନରେ କରାଯିବା ପାଇଁ ଏହି ସଭାରେ ନିଷ୍ପତ୍ତି ନିଆଯାଇଛି ।

ବୁଥ୍ ଜାଗରଣ ସମ୍ମିଳନୀ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : ଗଣତନ୍ତ୍ରର ସୁରକ୍ଷା ଓ ଅରାଜକତା ହଟାଇବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ଅଭିଯାନ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଗରାପୁରସ୍ଥିତ ସଂସ୍କୃତିକା ମଣ୍ଡପରେ ଆୟୋଜିତ ହୋଇଛି ବୁଥ୍ ଜାଗରଣ ସମ୍ମିଳନୀ । ଗଣତନ୍ତ୍ରର ମୂଲ୍ୟବୋଧ, ସମ୍ବିଧାନର ସୁରକ୍ଷା ଏବଂ ଜନସାଧାରଣଙ୍କ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମୁନା ଚାଟାର୍ଜି ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ସଞ୍ଜୟ ଜେନା ଯୋଗଦେଇ ଗଣତନ୍ତ୍ର ବଞ୍ଚାଓ ଅଭିଯାନରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବହୁ ଅଧ୍ୟାପକ, ଆଇନଜୀବୀ,ଅବସର ପ୍ରାପ୍ତ ଅଧ୍ୟକ୍ଷ, ସାହିତ୍ୟିକ, ଛାତ୍ର ନେତା, ବୁଦ୍ଧିଜୀବୀଙ୍କ ସମେତ ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, କିଶୋର କୁମାର ପଣ୍ଡା, ଅମିତାଭ ସୂଆର, ନେହେରୁ ସାହୁ, ଡଃ ସର୍ବେଶ୍ୱର ସେଣ, ଡଃ ଚୈତନ୍ୟ ଚୈତନ୍ୟ ଚରଣ ପରିଡା, ଝିଲି ଦାସ, ନୃସିଂହ ଚରଣ ପତ୍ରୀ, ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ବ୍ରାଉନ୍‌ସୁଗର ସମେତ ୧୩୨ ଲିଟର ମଦ ଜବତ : ୮ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : ଜିଲ୍ଲାରେ ବେଆଇନ ନିଶାଦ୍ରବ୍ୟ ଓ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ ଅଭିଯାନ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟକୁରା, ଜମ୍ବୁ ମେରାଇନ୍, ମହାକାଳପଡ଼ା, ଡେରାବିଶ ଓ ପଟ୍ଟାମୁଣ୍ଡାଇ ଟାଉନ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ପୋଖରିଆପଡ଼ା ଗ୍ରାମର ଦିବ୍ୟଜ୍ୟୋତି ସାହୁଙ୍କ (୨୩) ଙ୍କ ନିକଟରୁ ୬୦ ଗ୍ରାମ ଏବଂ ବୈକୁଣ୍ଠପୁର ଗ୍ରାମର ପ୍ରୀତିରଜ ଦାସ (୨୨)ଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା । ସେହିପରି ପ୍ରଭାକରପୁର ଗ୍ରାମର ନାଥ ଖିଲର (୩୦)ଙ୍କ ନିକଟରୁ ୨୮ ଲିଟର ଓ ରାଜୀବ ସେଠୀ (୪୦)ଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ ହୋଇଥିଲା । ଅନ୍ୟପକ୍ଷରେ ମଲଢିଅ ଗ୍ରାମର ପଦ୍ମିନୀ ସ୍ୱାଇଁ (୩୬)ଙ୍କ ନିକଟରୁ ୨୨ ଲିଟର, ଲକ୍ଷ୍ମଠିଆ ଗ୍ରାମର ସୀତା ଭକ୍ତ (୩୫)ଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଏବଂ ସନାଇଲୋଗଲା ଗ୍ରାମର ପ୍ରକାଶ ଜେନା (୪୮)ଙ୍କ ନିକଟରୁ ୨୬ ଲିଟର ଓ ଖଣ୍ଡାସାହି ଗ୍ରାମର ଅଜୟ କୁମାର ବେହେରା (୩୮)ଙ୍କ ନିକଟରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଏହି ଚଢ଼ାଉରେ ମୋଟ ୧୪୦ ଗ୍ରାମ ବ୍ରାଉନ୍ ସୁଗାର ସମେତ ୧୩୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯିବା ସହ ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉ ଅଭିଯାନରେ ଅବକାରୀ ଉପନିରୀକ୍ଷକ ଶ୍ରୀ ରଞ୍ଜନ କୁମାର ପାତ୍ର ଓ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ ।

୧୯ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡ଼ା ଜିଲ୍ଲାର ସାମଗ୍ରିକ ବିକାଶ, ଉନ୍ନୟନମୂଳକ ଯୋଜନାର ସୁଚାରୁ ରୂପାୟଣ ଏବଂ ଜିଲ୍ଲାର ପ୍ରାଥମିକତାଭିତ୍ତିକ ଆବଶ୍ୟକତା ଉପରେ ଆଲୋଚନା ନିମନ୍ତେ ୧୯ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ମାନ୍ୟବର ବିଧାୟକ ମହାକାଳପଡ଼ା ଦୁର୍ଗା ପ୍ରସନ୍ନ ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଅଧ୍ୟକ୍ଷତାରେ ଏହା ତାଙ୍କର ପ୍ରଥମ ବୈଠକ ଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ, ସରକାରୀ ଯୋଜନାର ଅଗ୍ରଗତି, ଭିତ୍ତିଭୂମି ବିକାଶ, ଜନସାଧାରଣଙ୍କ ମୌଳିକ ସୁବିଧା ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାର ଆବଶ୍ୟକତା ଓ ସ୍ଥାନୀୟ ଜନସାଧାରଣଙ୍କ ଆଶାଆକାଂକ୍ଷାକୁ ଗୁରୁତ୍ୱ ଦେଇ ବିକାଶମୂଳକ ଯୋଜନା ପ୍ରସ୍ତୁତି ଓ ରୂପାୟଣ ଉପରେ ଆଲୋକପାତ କରାଯାଇଥିଲା ।ଏହି ଅବସରରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ ଜିଲ୍ଲାର ସାମଗ୍ରିକ ଓ ସନ୍ତୁଳିତ ବିକାଶ ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଓ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ବିକାଶମୂଳକ ଯୋଜନାଗୁଡ଼ିକ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏବଂ ଗୁଣାତ୍ମକ ଭାବେ କାର୍ଯ୍ୟକାରୀ ହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାର କୃଷି କ୍ଷେତ୍ରର ବିକାଶ, ଜଳସେଚନ ସୁବିଧାର ସମ୍ପ୍ରସାରଣ ଓ ଉନ୍ନତିକରଣ ଉପରେ ମତାମତ ଆଦାନପ୍ରଦାନ କରାଯାଇଥିଲା । ଚାଷଜମିକୁ ନିୟମିତ ଜଳ ଯୋଗାଣ ଏବଂ ଜଳସମ୍ପଦର ସୁବିନିଯୋଗ ମାଧ୍ୟମରେ କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା ହୋଇଥିଲା । ସେହିପରି ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ଇକୋ-ଟୁରିଜିମ୍ ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ପ୍ରାକୃତିକ ସମ୍ପଦ, ଐତିହାସିକ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୁରକ୍ଷା, ଉନ୍ନତିକରଣ ଏବଂ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା । କୃଷି, ଶିକ୍ଷା, ପର୍ଯ୍ୟଟନ, ପାନୀୟଜଳ, ଜଳସେଚନ, ଜଳନିଷ୍କାସନ ଓ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରାଥମିକତା କ୍ଷେତ୍ରରେ ସମନ୍ୱିତ ଯୋଜନା ଓ ପ୍ରଭାବଶାଳୀ ରୂପାୟଣ ମାଧ୍ୟମରେ ଜିଲ୍ଲାର ସାମଗ୍ରିକ ବିକାଶକୁ ଆଗେଇ ନେବା ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଚାଷୀଙ୍କ ପାଇଁ କାଳ ସାଜିଛି ପ୍ରକୃତି

କାର୍ତ୍ତିକରେ ପରିବା ଦର ଆକାଶଛୁଆଁ

ପଟ୍ଟାମୁଣ୍ଡାଇ, ୪/୧୧ (ସ୍ୱାଧିକାର ନ୍ୟୁଜ) : ପାଣିପାଗ ବିଭାଗର ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ସମୟ ଅସମୟ ନମାନି ଚଳିତ ବର୍ଷ ଅସରନ୍ତି ଲଘୁଚାପ ଜନିତ ବର୍ଷା ବାରମ୍ବାର ବନ୍ୟା ପରେ ବନ୍ୟା ବାତ୍ୟା ଅର୍ଣ୍ଣବ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଛି । ଦୀର୍ଘ ୫୦ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା ବୋଲି ବୟୋବୃଦ୍ଧ ଚାଷୀମାନେ ପ୍ରକାଶ କରିଛନ୍ତି । ସାଧାରଣତଃ ଦୂର୍ଗା ପୂଜା ପରେ ବର୍ଷା ଛାଡି ଯାଇଥାଏ । ଶୀତର ପ୍ରଭାବ ଆସ୍ତେ ଆସ୍ତେ ଅନୁଭବ ହୋଇଥାଏ । ମାତ୍ର ଦୂର୍ଗା ପୂଜା ଯାଇ ଗଜଲକ୍ଷ୍ମୀ ପୂଜା ଶେଷ ହୋଇଥିଲେ ମଧ୍ୟ ବର୍ଷା ମଝିରେ ମଝିରେ ହେଉଛି । ଇତି ମଧ୍ୟରେ ବାତ୍ୟା ଅର୍ଣ୍ଣବ ଓଡିଶାର କେତେଟି ଜିଲ୍ଲା ଛାଡି ଦେଲେ ବିଶେଷ ପ୍ରଭାବ ପକାଇ ନାହିଁ । ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଲାଗି ରହିଛି । ଏଥିରେ ଉଭୟ ଧୋୟା ଓ ଭେଡ଼ା ଅଂଚଳ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି । ବାରମ୍ବାର ଲଘୁଚାପଜନିତ ବର୍ଷା ବନ୍ୟା ପରେ ବନ୍ୟା ସର୍ବୋପରି ବାତ୍ୟା ଉଭୟ ଧୋୟା ଓ ଭେଡ଼ା ଅଂଚଳ ବ୍ୟାପକ କ୍ଷତି ଘଟାଇଛି । ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଟରା ଅମୃତମଣୋହି ବଲୁରିଆ ପେଣ୍ଡପାଳ, ତରଡ଼ିପାଳ ଅଳପୁଆ ସିଂହଗାଁ ବାଛରା, ବାଲିପାଟଣା ନୀଳକଣ୍ଠପୁର ଡାମରପୁର ଶ୍ରୀରାମପୁର ବଳଭଦ୍ରପୁର ଶାସନ ପଂଚାୟତରେ ବର୍ଷା ପରେ ବନ୍ୟା ବାତ୍ୟାରେ ପନି ପରିବା ଠାରୁ ଆରମ୍ଭ କରି ବିଭିନ୍ନ ଧାନ ଫସଲହାନି ଘଟିଛି । ସେହିପରି ଭେଡ଼ା ଅଂଚଳର ବଡ଼ପଡା ବଡ଼ମୋହନପୁର ଦିହୁଡିପୁର ସାନଜରିଆ ଅରଡ଼ପଲ୍ଲୀ ଗଙ୍ଗାରାମପୁର ସଂସାରଫଳ ଚନ୍ଦନନଗର ଖଣତା ଦୋଷିଆ ଓଉପଦା ବିଲିକଣା ଖଡିଅଣ୍ଡା କଖାରୁଣୀ ନରସିଂହପୁର ଡିହାପଡା ବଡ଼ ମୂଳବସନ୍ତ ଆଦି ପଂଚାୟତରେ ବାରମ୍ବାର ବର୍ଷା ବିପାତରେ ପନି ପରିବା ଠାରୁ ଆରମ୍ଭ କରି ସବୁ ପ୍ରକାର ଫସଲହାନି ଘଟିଛି । ଯାହାଫଳରେ କାର୍ତ୍ତିକ ଭଳି ଧର୍ମ ମାସରେ ପନିପରିବା ଦର ଆକାଶଛୁଆଁ ହୋଇଛି ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଳି, ୪/୧୧ (ସ୍ୱାଧିକାର ନ୍ୟୁଜ) : ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ ମଧ୍ୟ ବିଜୁ ଜନତା ଦଳ ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିର ପ୍ରତିବାଦ ସହ ଦଳୀୟ ସଂଗଠନକୁ ମଜବୁତ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଳି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ନିଆଳସ୍ଥିତ ହଟକେଶ୍ୱର ମନ୍ଦିର ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ପୁରୁଣା ବଜାରସ୍ଥିତ ବି.ଏସ୍.ଏମ୍. ସ୍କୁଲ ପଡ଼ିଆରେ ଶେଷ ହୋଇଥିଲା । ଏଥିରେ ଆଳି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଜେଡି ନେତା, କର୍ମୀ, ମହିଳା, ସରପଞ୍ଚ ଓ ବିଭିନ୍ନ ଜନପ୍ରତିନିଧି ଯୋଗଦେଇଥିଲେ । ପଦଯାତ୍ରାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ ।

ଏହି ଅବସରରେ ବିଧାୟକ ପ୍ରତାପ କେଶରୀ ଦେବ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗ ଉଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ବିଶେଷକରି ଏମ୍ଏମ୍ଡିଆର ଆଇନ ଓ ଖଣି ନୀତି ସମ୍ପର୍କିତ ପ୍ରସଙ୍ଗ ଉଠାଇ ସରକାରଙ୍କ ନୀତିକୁ ପ୍ରଶ୍ନ କରିଥିଲେ । ଏଥିସହ ବିଭିନ୍ନ ଉନ୍ନୟନମୂଳକ କାମରେ ଧାର୍ଯ୍ୟ ମୂଲ୍ୟଠାରୁ ୨୫ରୁ ୩୦ ପ୍ରତିଶତ କମ୍ ଦରରେ ଟେଣ୍ଡର ହେଉଥିବାରୁ କାମର ଗୁଣବତ୍ତା ଓ ମାନକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ । କମ୍ ଦରରେ ଟେଣ୍ଡର ହେବା ଯୋଗୁଁ ନିର୍ମାଣ କାର୍ଯ୍ୟର ମାନ ପ୍ରଭାବିତ ହେଉଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ ।

ଏହାସହ ଡବଲ ଇଞ୍ଜିନ ସରକାର ସାଧାରଣ ଲୋକଙ୍କ ସହ ସମ୍ପର୍କ ରଖିବା ଓ ସେମାନଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଥିଲେ । ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ଓ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ମଧ୍ୟ ସେ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ । ପଦଯାତ୍ରା ମାଧ୍ୟମରେ ବିଜେଡି ନେତା ଓ କର୍ମୀମାନେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ ।

ସୁରଭି ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡ଼ା ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି - ୨୦୨୬' ଦେପୁରସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ବ୍ଲକ୍ର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଯୋଗଦେଇ ନିଜ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ । ମଣ୍ଡଳଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିଚୟ ସୁରଭି ବୋଲି ବକ୍ତବ୍ୟ ରଖିଥିଲେ । ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଓଷ୍ଟପୁର ସରପଞ୍ଚ ପ୍ରଶନ୍ନ କୁମାର ରାଉତ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ରାଉତରାୟ, ସରସ୍ୱତୀ ହାଇସ୍କୁଲର ପଞ୍ଚସଖା ଶିକ୍ଷା ସେତୁ ସଭାପତି ଡକ୍ଟର ଉପେନ୍ଦ୍ରନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ, ବକ୍ତୃତା, ରଚନା, ଚିତ୍ରାଙ୍କନ, କୁଇଜ୍, ସୃଜନାତ୍ମକ ଲିଖନ, ଦଳଗତ ସାଂସ୍କୃତିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କ ଜ୍ଞାନ, କଳା, ସାହିତ୍ୟ ଓ ସଂସ୍କୃତି ଆଦି ପ୍ରତିଭାର ପରିପ୍ରକାଶ ହୋଇଥିଲା ।

ବାରହା ଆକ୍ରମଣରେ ବୃଦ୍ଧ ଆହତ

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ସହର ଉପକଣ୍ଠ ଗରୁଆଳ ଗାଁର ଚାଷୀ ନିରାକାର ସ୍ୱାଇଁ ମଙ୍ଗଳବାର ଦିନ ପ୍ରାୟ ସାଢେ ଗୋଟାଏ ବେଳେ ନିଜ ଚାଷ ଜମିକୁ ଯାଇଥିବା ବେଳେ ହଠାତ୍ ପାଖ ଜଙ୍ଗଲରୁ ଏକ ବାରାହ ବାହାରି ଆସି ତାଙ୍କୁ ଆକ୍ରମଣ କରିଥିଲା । ନିରାକାର ମୁହଁମାଡ଼ି ତଳେ ପଡିଯିବା ପରେ ବାରହାଟି ତାଙ୍କ ପିଠିକୁ ବାରମ୍ବାର ତା' ଦାନ୍ତରେ ଭୂଷି ଚାଲିଥିଲା । ଜୀବନ ବଞ୍ଚାଇବା ପାଇଁ ସେ ହାତରେ ଧରିଥିବା ଛତା ସାହାଯ୍ୟରେ ବାରହାକୁ ଭୟଭୀତ କରିବା ପାଇଁ ଚେଷ୍ଟା କରିଥିଲେ । ଛତା ଦେଖି ବାରହାଟି ପଳାଇଯାଇଥିଲା । ପରେ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ହସ୍ପିଟାଲରେ ଭର୍ତି କରିଥିଲେ । କେନ୍ଦ୍ରାପଡା ଉପକଣ୍ଠ ଗାଁ ଗୁଡ଼ିକରେ ବାରହାଙ୍କ ସଂଖ୍ୟା ବୃଦ୍ଧି ଘଟିବା ସହିତ ବାରହା ପଲ ଫସଲ ହାନି କରୁଥିବା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇଛି । ବାରହା ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି । ବନ ବିଭାଗ ପକ୍ଷରୁ ବାରହା ଘଉଡେଇବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି ।

ମାର୍ଶାଘାଇ ପୋଲିସ ପ୍ରଶଂସିତ

**କେନ୍ଦ୍ରାପଡ଼ା, ୪/୧୧ (ସ୍

ବିଶ୍ୱ ଦକ୍ଷତା କେନ୍ଦ୍ରକୁ 'ସେଣ୍ଟର ଅଫ୍ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରକୁ 'ସେଣ୍ଟର ଅଫ୍ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା ମିଳିଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ମଲ୍ଟି ସେକ୍ଟୋରାଲ ବର୍ଗରେ ତିନି ବର୍ଷ ପାଇଁ ଏହି ସ୍ୱୀକୃତି ବିଶ୍ୱ ଦକ୍ଷତା କେନ୍ଦ୍ରକୁ ପ୍ରଦାନ କରାଯାଇଛି। ନଭେମ୍ବର ୨ ତାରିଖରେ ନୂଆଦିଲ୍ଲୀସ୍ଥିତ କୌଶଳ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟର ସଚିବ ଦେବଶ୍ରୀ ମୁଖାର୍ଜୀ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସ୍ୱୀକୃତି ୨୦୨୬ ଅକ୍ଟୋବର ୯ରୁ ୨୦୨୯ ଅକ୍ଟୋବର ୮ ପର୍ଯ୍ୟନ୍ତ ବଳବତ୍ତର ରହିବ। 'ସେଣ୍ଟର ଅଫ୍ ଏକ୍ସଲେନ୍ସ-ସ୍କିଲ୍ସ' ମାନ୍ୟତା ଲାଗି ଜାତୀୟ ସ୍ତରର ୧୯ଟି ପ୍ରତିଷ୍ଠିତ ଅନୁଷ୍ଠାନକୁ ମନୋନିତ କରାଯାଇଛି। ତା' ଭିତରେ ଓଡ଼ିଶାର ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାନ ପାଇଛି। "ବିଶ୍ୱ ଦକ୍ଷତା କେନ୍ଦ୍ର ପାଇଁ ଏହି ମାନ୍ୟତା ଏକ ବଡ଼ ସଫଳତା ଦେଶର ଦକ୍ଷତା ବିକାଶ କ୍ଷେତ୍ରକୁ ଆହୁରି ସଶକ୍ତ କରିବା ଦିଗରେ ଏହି ମାନ୍ୟତା ଆମ ଭିତରେ ଉତ୍ସାହ ସୃଷ ି କରିବ। 'ସ୍କିଲ୍ଡ ଇନ୍ ଓଡ଼ିଶା'କୁ 'ସ୍କିଲ୍ଡ ଫର୍ ଦ ୱାର୍ଲ୍ଡ'ରେ ପରିଣତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଓଡ଼ିଶାର ଯୁବପିଢ଼ି ନିଜ ଦକ୍ଷତା ବଳରେ କିପରି ବିଶ୍ୱସ୍ତରୀୟ ସଂସ୍ଥାରେ ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ ସେ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିଛି," କହିଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ ସ୍ଥାପିତ ହୋଇଛି ବିଶ୍ୱ ଦକ୍ଷତା କେନ୍ଦ୍ର।



ପୂର୍ବତନ ଓସିଏ ସଭାପତିଙ୍କ ପରଲୋକ

କଟକ, ୪।୧୧ (ସ୍ୱାଧିକାରନ୍ୟୁଜ): ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ପୂର୍ବତନ ସଭାପତି ତଥା ବରିଷ୍ଠ କ୍ରୀଡ଼ା ପ୍ରଶାସକ ରସବିହାରୀ ବେହେରାଙ୍କର ବୁଧବାର ୮୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଓଡ଼ିଶାର କ୍ରୀଡ଼ା ଓ କ୍ରିକେଟ୍ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବେହେରା ଜଣେ ପ୍ରମୁଖ ଜନନେତା, ପୂର୍ବତନ ମନ୍ତ୍ରୀ ଏବଂ ଦକ୍ଷ କ୍ରୀଡ଼ା ପ୍ରଶାସକ ଭାବେ ସୁପରିଚିତ ଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଭାବେ କାର୍ଯ୍ୟ କରିବା ସମୟରେ ରାଜ୍ୟରେ କ୍ରିକେଟ୍ ପ୍ରଶାସନର ମୂଳଦୁଆକୁ ସୁଦୃଢ଼ କରିବାରେ ତାଙ୍କର ଦୂରଦୃଷ୍ଟି, ନେତୃତ୍ୱ ଓ ନିଷ୍ଠାପର ଉଦ୍ୟମର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କର ଦୀର୍ଘ ଅନୁଭବ ଓ କ୍ରୀଡ଼ା ପ୍ରତି ସମର୍ପଣ ଓଡ଼ିଶାର କ୍ରିକେଟ୍ ପ୍ରଶାସନକୁ ଏକ ନୂତନ ଦିଗ ଦେଇଥିଲା। ତାଙ୍କ ବିୟୋଗରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓସିଏ ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି କାମନା କରାଯାଇଛି। ରସବିହାରୀ ବେହେରାଙ୍କ ବିୟୋଗ କେବଳ ଓସିଏ ପାଇଁ ନୁହେଁ, ସମଗ୍ର ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇଛି।



୬ରେ ସୁଶାନ୍ତଙ୍କ ଜାମିନ ଆବେଦନ ଶୁଣାଣି

କଟକ, ୪।୧୧ (ସ୍ୱାଧିକାରନ୍ୟୁଜ): ପୂର୍ବତନ ଜେଲ୍ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗରେ ଓଏସ୍‌ଡି ଭାବେ କାର୍ଯ୍ୟରତ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥଙ୍କୁ ନେଇ ଚାଲିଥିବା ଯୌନ ନିର୍ଯାତନା ମାମଲାରେ ଆଜି ହାଇକୋର୍ଟରେ ହେବାକୁ ଥିବା ଆଗୁଆ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ହାଇକୋର୍ଟ ଏହି ଆବେଦନର ଶୁଣାଣି ଆସନ୍ତା ନଭେମ୍ବର ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେହିପରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ କୁଲଦୀପ ରଥଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ମଧ୍ୟ ସମାନ ଦିନକୁ ଘୁଞ୍ଚାଇ ଦିଆଯାଇଛି।

ଓସିଏସ ମେନ୍ ପରୀକ୍ଷା
ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ, ୪।୧୧ (ସ୍ୱାଧିକାରନ୍ୟୁଜ): ବାତ୍ୟା 'ଅର୍ଣ୍ଣବ' ପରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ) ମୁଖ୍ୟ ପରୀକ୍ଷାକୁ ନେଇ ଏବେ ଆଇନଗତ ବିବାଦ ଦେଖାଦେଇଛି। ବାତ୍ୟା ଓ ତତ୍‌ଜନିତ ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ଅଞ୍ଚଳରେ କିଭଳି ପରୀକ୍ଷା ପରିଚାଳନା କରାଯାଇଥିଲା, ସେ ସମ୍ପର୍କରେ ରାଜ୍ୟ ସରକାର ଓ ଓପିଏସସି ଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଆସନ୍ତା ଶୁକ୍ରବାର ସୁଦ୍ଧା ସତ୍ୟପାଠ ଜରିଆରେ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ସ୍ଥାନରେ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିଲା। ଏଭଳି ପରିସ୍ଥିତିରେ ପରୀକ୍ଷାର୍ଥୀମାନେ କିପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ପରୀକ୍ଷା ସୁରୁଖୁରରେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ କେଉଁ ସବୁ ବ୍ୟବସ୍ଥା କରାଯାଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗକୁ ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଉଭୟ ପକ୍ଷଙ୍କଠାରୁ ତଥ୍ୟ ମାଗିଛନ୍ତି।

ସୁଜିତ ରାଉଳଙ୍କ ଜାମିନ ଘୁଞ୍ଚିଲା

କଟକ, ୪।୧୧ (ସ୍ୱାଧିକାରନ୍ୟୁଜ): ଚୌଦ୍ୱାର ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ଜାମିନ ମିଳିବା ନେଇ ଚାଲିଥିବା ଆଇନଗତ ପ୍ରକ୍ରିୟା ଆହୁରି ଲମ୍ବିଛି। ତାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣିକୁ ହାଇକୋର୍ଟ ଘୁଞ୍ଚାଇ ଦେଇଥିବାବେଳେ ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ହେବ। ଏହା ସହିତ ମାମଲାର କେସ୍ ଡାଏରି ଦାଖଲ କରିବା ଏବଂ ତଦନ୍ତର ସଦ୍ୟତମ ସ୍ଥିତି ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠରେ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଚାଲିଛି। ଏହା ପୂର୍ବରୁ ଅଗଷ୍ଟ ୨୯ ତାରିଖରେ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିଲେ। ପରେ ସେପ୍ଟେମ୍ବର ୨୧ ତାରିଖରେ ଚୌଦ୍ୱାର ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଓଏଚଆରସି ଅଧ୍ୟକ୍ଷ

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ଓଡ଼ିଶା ମାନବାଧିକାର ଆୟୋଗ (ଓଏଚଆରସି)ର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ବୁଧବାର ଲୋକଭବନଠାରେ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ଅବସରରେ ମାନବାଧିକାର ଆୟୋଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ରାଜ୍ୟପାଳଙ୍କୁ ଲୋକଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଜବରଦଖଲକାରୀଙ୍କ କବ୍‌ଜାରେ ୩ ହଜାର ଏକର ଜମି

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ଜମି ଜବରଦଖଲକାରୀମାନେ କେବଳ ସହରାଞ୍ଚଳରେ ଜମି ମାଡିବସୁନାହାନ୍ତି, ଏମାନେ ଗାଁ ଗହଳରେ ଥିବା ଗୋଚର ଓ ଶ୍ମଶାନ ଜମିକୁ ବି ନିଜ ଅକ୍ତିଆରକୁ ନେଇଯାଉଛନ୍ତି। ଏମାନଙ୍କ ନିକଟରୁ ଏହି ଜମିକୁ ମୁକୁଳାଇବାପାଇଁ ସରକାର ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଅଦାଲତରେ ମାମଲା ଲଢିବାରେ ଲାଗିଛନ୍ତି।

ତେବେ ରାଜ୍ୟରେ ପ୍ରାୟ ୬୦ହଜାରଟି ଗୋଚର ଜବରଦଖଲ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ପାଖାପାଖି ୨୪ହଜାର ଏକର ଗୋଚର ଜମି ଜବରଦଖଲ ହୋଇଥିଲା। ସରକାର ଏହି ଜବରଦଖଲ ଗୋଚର ଜମି ମଧ୍ୟରୁ ୨୧ହଜାର ଏକରରୁ ଅଧିକ ଜମିକୁ ମୁକୁଳାଇବାରେ ସଫଳ ହୋଇଛନ୍ତି। ତେବେ ଜଣାଯାଇଛି ଯେ ଗୋଚରଜମି ଜବରଦଖଲ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ସବୁଠାରୁ ଆଗରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ରାୟଗଡା ଜିଲ୍ଲା ରହିଛି। କଳାହାଣ୍ଡିରେ ୫ହଜାର ଏକରରୁ ଅଧିକ ଗୋଚର ଜବରଦଖଲ ହୋଇଥିବାବେଳେ ରାୟଗଡାରେ ଏହି ପରିମାଣ ପ୍ରାୟ ୩ହଜାର ଏକର ରହିଛି। ଭଦ୍ରକରେ ଏହି ପରିମାଣ ୧୭୩୮ ଏକର ଜମିଥିବାବେଳେ ବଲାଙ୍ଗିରରେ ୧୭୫୬ ଏକର ରହିଥିଲା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଗୋଚର ଜମିକୁ ଜବରଦଖଲକାରୀମାନେ ମାଡି ବସିଛନ୍ତି।

ତେବେ ଗାଈଗୋରୁଙ୍କ ଚାରଣ ଭୂମି ଥିବା ଏହି ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର ପାଇଁ ରାଜ୍ୟ ସରକାର ଆକ୍ସନମୁଡ୍‌କୁ ଆସିବାପରେ ୨୧ହଜାର ଏକରରୁ ଅଧିକ ଜମିକୁ ଜବରଦଖଲମୁକ୍ତ କରାଯାଇ ପାରିଛି। ତେବେ ବଡକଥା ହେଉଛି ରାୟଗଡାରେ ଜବରଦଖଲ ହୋଇଥିବା ସମସ୍ତ ଗୋଚର ଜମିକୁ ସରକାର ମୁକୁଳାଇ ଆଣିଛନ୍ତି। କୋରାପୁଟ ଓ ମାଲକାନଗିରି ଓ ବଲାଙ୍ଗିରରେ ସମସ୍ତ ଜବରଦଖଲ ଗୋଚର ଜମି ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି। ଏବେ ବି ରାଜ୍ୟରେ ଜବରଦଖଲରେ ଥିବା ପ୍ରାୟ ୩ହଜାର ଏକର ଜମିକୁ ମୁକୁଳାଇବାପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି।

କେବଳ ଗୋଚର ଜମି ନୁହେଁ, ଶ୍ମଶାନ ଜମିକୁ ବି ଲୋକେ ଜବରଦଖଲ କରୁଛନ୍ତି। ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ପ୍ରାୟ ୨୮୦ ଏକର ଶ୍ମଶାନ ଜମି ଜବରଦଖଲ ହୋଇଥିବାବେଳେ ସରକାର ଏଥି ମଧ୍ୟରୁ ୨୧୧ ଏକର ଜମିକୁ ମୁକୁଳାଇ ଆଣିବାରେ ସଫଳ ହୋଇଛନ୍ତି। ଅବଶିଷ୍ଟ ପ୍ରାୟ ୭୦ ଏକର ଜମି ଖୁବ୍‌ଶୀଘ୍ର ଫେରିବ ବୋଲି ଜଣାଯାଇଛି। ତେବେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୦୪ ଏକ ଶ୍ମଶାନ ଜମି ଜବରଦଖଲ ହୋଇଥିବାବେଳେ ଏଥିରୁ ୯୯ ଏକର ଜବରଦଖଲମୁକ୍ତ ହୋଇଛି।

ଉଭୟଗୋଚରଓ ଶ୍ମଶାନ ଜମି ସାଧାରଣତଃ ଗାଁ ଗହଳରେ ଅଧିକ ପରିମାଣରେ ରହିଛି। ଗୋଚର ଜମିରେ ଗାଈ ଗୋରୁ ଚରୁଥିବାବେଳେ ପିଲାମାନେ ଖେଳାକୁଦ କରନ୍ତି। ଏଥି ସହିତ ଗାଁ ଗଣ୍ଡାର ଅନେକ ଯାନି ଯାତ୍ରା ବି ସେଠାରେ ସମ୍ପାଦିତ ହୋଇଥାଏ। ହେଲେ ମୁକୁଳା ପଡିଥିବା ଏହି ଜମି ଉପରେ ମାଫିଆମାନେ ଲୋଲୁପ ଦୃଷ୍ଟି ପକାଇ ତାହାକୁ ଜବରଦଖଲ କରୁଥିବା ବେଳେ ସ୍ଥାନୀୟ ଅଧିକାରୀମାନେ ବହୁ ସ୍ଥାନରେ ଏହାର ଟେର୍ ନପାଇବା ଆଶ୍ଚର୍ଯ୍ୟ ଚକିତ କରୁଛି। ଯେତେବେଳେ ସରକାରଙ୍କ ଜ୍ଞାତସାରକୁ ଏହା ଆସୁଛି ସେତେବେଳେ ରାଜକୋଷରୁ ଅର୍ଥ ଶ୍ରାଦ୍ଧକରି ତାହାକୁ ଜବରଦଖଲ ମୁକ୍ତ କରିବାକୁ ହେଉଛି।

ଯନ୍ତ୍ରୀଙ୍କ ଲକରରୁ ୬୦୬ ଗ୍ରାମ ସୁନା ଜବତ

କଟକ, ୪।୧୧ (ସ୍ୱାଧିକାରନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ମହାନଦୀ ଉତ୍ତର ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନଜିତ ଦାସଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କର ଏକ ବ୍ୟାଙ୍କ ଲକରରୁ ୬୦୬.୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି ଓଡ଼ିଶା ଭିଜିଲାନ୍ସ। ତିନି ଦିନିଆ ପୋଲିସ ରିମାଣ୍ଡ ଅବଧି ଶେଷ ହେବା ପରେ ଆଜି ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମାମଲାର ଅଧିକ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀ ପ୍ରସନ୍ନଜିତ ଦାସଙ୍କୁ ପୋଲିସ ରିମାଣ୍ଡରେ ନେବାକୁ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। ଅଦାଲତ ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ପାଇଁ ରିମାଣ୍ଡ ଅନୁମତି ଦେଇଥିଲେ। ରିମାଣ୍ଡ ସମୟରେ ଗତକାଲି ତାଙ୍କୁ ବରଗଡ଼ାସ୍ଥିତ ଆକ୍ସିସ୍ ବ୍ୟାଙ୍କକୁ ନିଆଯାଇ ତାଙ୍କ ଦ୍ୱାରା ପରିଚାଳିତ ଲକରର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଲକରରୁ ୬୦୬.୩୦ ଗ୍ରାମ ସୁନା ଅଳଙ୍କାର ମିଳିଥିଲା। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୭ ତାରିଖରେ ଏକ ଇଣ୍ଟରସେପ୍ସନ୍ ଅପରେସନ୍ ସମୟରେ ପ୍ରସନ୍ନଜିତ ଦାସଙ୍କଠାରୁ ୬ ଲକ୍ଷ ୨୮ ହଜାର ୬୨୦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହାପରେ ତାଙ୍କର ବିଭିନ୍ନ ବାସଭବନରେ ଏକକାଳୀନ ଚଢ଼ଉ କରାଯାଇ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଥିଲା। ଫଳରେ ତାଙ୍କଠାରୁ ଜବତ ମୋଟ ନଗଦ ଟଙ୍କାର ପରିମାଣ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାରେ ପହଞ୍ଚିଥିଲା। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୨୪/୨୦୨୬ ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ବି) ଅନୁଯାୟୀ ମାମଲାର ତଦନ୍ତ ଚାଲିଛି। ନଗଦ ଟଙ୍କା ଜବତ ପରେ ବ୍ୟାଙ୍କ ଲକରରୁ ବିପୁଳ ପରିମାଣର ସୁନା ମିଳିବା ଘଟଣା ତଦନ୍ତକୁ ନୂଆ ଦିଗ ଦେଇଛି। ମାମଲାର ତଦନ୍ତ ଜାରି ରହିଛି।

ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ

ଖୋର୍ଦ୍ଧା, ୪।୧୧ (ସ୍ୱାଧିକାରନ୍ୟୁଜ): ରାଜ୍ୟରେ ନିଶା କାରବାର ବିରୋଧରେ ଖୋର୍ଦ୍ଧା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ନେଟୱର୍କର ପର୍ଦ୍ଦାଫାସ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ସଦର ଥାନା ପୁଲିସ। ସେମାନଙ୍କଠାରୁ ୬୭.୩୩ କିଲୋଗ୍ରାମ ଗଞ୍ଜେଇ, ୩ଟି କାର, ୫ଟି ମୋବାଇଲ ଫୋନ ଏବଂ ନଗଦ ୧୨,୩୦୦ ଟଙ୍କା ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୬.୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି।

ନଭେମ୍ବର ୩ ତାରିଖ ସନ୍ଧ୍ୟାରେ ଖୋର୍ଦ୍ଧା ଗଡ଼ଗୁଡୁମ ଅଞ୍ଚଳ ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ଗାଇଡାନ୍ସ ଇଣ୍ଟରନ୍ୟାସନାଲ ସ୍କୁଲ ନିକଟରେ ଏହି ଚଢ଼ଉ କରାଯାଇଥିଲା। ବୁଧବାର ଖୋର୍ଦ୍ଧା ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, କେବଳ ଗଞ୍ଜେଇ ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଧରିବା ନୁହେଁ, ବରଂ ଏହାର ସଂଗ୍ରହ, ପରିବହନ, ସୁରକ୍ଷା ଓ ବିତରଣରେ ସମ୍ପୃକ୍ତ ବିଭିନ୍ନ ସ୍ତରର ଲୋକଙ୍କୁ ଧରିବା ଥିଲା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପୁଲିସ ସୂତ୍ରରୁ ପ୍ରକାଶ, ନଭେମ୍ବର ୩ ତାରିଖ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍‌ରେ ଗଞ୍ଜେଇ ଚାଲାଣ ସମ୍ପର୍କରେ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା। ଏସ.ପି ଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା। ଏସ.ଆଇ ଦୀପକ କୁମାର ପାକଳଙ୍କ ନେତୃତ୍ୱରେ ଗଠିତ ଟିମ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଦୁର୍ଗାପୁରଠାରେ ସନ୍ଦିଗ୍ଧମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଗଞ୍ଜେଇ ସହ ୬ ଜଣଙ୍କୁ ଧରିବାରେ ପୁଲିସ ସଫଳ ହୋଇଥିଲା।

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କନ୍ଧମାଳ ଜିଲ୍ଲା ଫୁଲବାଣୀର କାଇଞ୍ଚର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରାଯାଇ ଏସ୍କର୍ଟ ଟିମ ଜରିଆରେ ଏହାକୁ ବାଲେଶ୍ୱର ଓ ଭଦ୍ରକ ଜିଲ୍

ଶିରିଡି ମାଟିରେ ପାଦ ଦେବା ମାତ୍ରେ ଯେ କୌଣସି ବ୍ୟକ୍ତିର ସମସ୍ତ ଦୁଃଖ ଓ କ୍ଳେଶର ଅବସାନ ଘଟିବ ।

ସଂପାଦକୀୟ.....

କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା

ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ମୁକାବିଲା ନିମନ୍ତେ କେବଳ ସେନା ବାହିନୀ ନୁହେଁ, ବିଏସଏଫ, ସିଆରପିଏଫ ଏବଂ ଆଇଟିବିପି ଭଳି ବିଭିନ୍ନ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ ହୋଇଛନ୍ତି। ଜାମ୍ମୁ-କାଶ୍ମୀର ପୋଲିସ ଆତଙ୍କବାଦର ମୁକାବିଲା ନିମନ୍ତେ ଏକାକି ସକ୍ଷମ ନୁହେଁ। କେବଳ ଜାମ୍ମୁ-କାଶ୍ମୀର ନୁହେଁ, ଓଡ଼ିଶା, ଛତିଶଗଡ଼ ଆଦି ମାଓ ଉପଦ୍ରୁତ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀଙ୍କ ମୁକାବିଲା ନିମନ୍ତେ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ପଡୁଛି। ସେହିପରି ମଣିପୁର ସମେତ ଦେଶର ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ବହୁ ସଂଖ୍ୟକ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖିଲେ ସିଆରପିଏଫ ଏବଂ ବିଏସଏଫ ଭଳି କେନ୍ଦ୍ରୀୟ ବାହିନୀର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ ନିହାତି ଆବଶ୍ୟକ। ମଣିପୁରରେ ସାନି ହିଂସା ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯଥାର୍ଥ। କାରଣ ରାଜ୍ୟ ପୋଲିସ ସ୍ଥିତି ସମ୍ଭାଳିବାକୁ ଅସମର୍ଥ। ଏହା ମଧ୍ୟ ସ୍ୱାଭାବିକ। ଏଥିପାଇଁ ରାଜ୍ୟ ପୋଲିସକୁ ଦୋଷ ଦେବା ଅନୁଚିତ। ସାଧାରଣ ଅପରାଧକୁ ନିୟନ୍ତ୍ରଣ କରିବା ପୋଲିସର ଦାୟିତ୍ୱ। କିନ୍ତୁ ଯେଉଁଠି ହିଂସା ପଛରେ ଉଗ୍ରବାଦୀ ଏବଂ ଅନୁପ୍ରବେଶକାରୀଙ୍କ ହାତ ରହିଛି, ସେଠାରେ କେନ୍ଦ୍ରୟ ଫୋର୍ସ ମୁତୟନ ଜରୁରୀ। କିନ୍ତୁ ମଣିପୁରର ବିଭିନ୍ନ ସ୍ଥାନରେ ଏବେ କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ କରି ସାନି ହିଂସା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଜନତା ଥାନା ଉପରେ ଆକ୍ରମଣ କରି ଏହାକୁ ଜାଳି ଦେଇଛନ୍ତି। ପରିସ୍ଥିତି ଅଧିକ ଜଟିଳ ହୋଇଛି। ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀ। ରାଜ୍ୟରେ ରାଜନୈତିକ ପ୍ରକ୍ରିୟା କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ହେବା ଅନୁଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଅତି କମରେ ୬ ମାସ ପାଇଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ଜଣେ ଦକ୍ଷ ପ୍ରଶାସକ ବା ରାଜ୍ୟପାଳଙ୍କୁ ନିଯୁକ୍ତ କରାଯିବା ଉଚିତ। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଛତିଶଗଡ଼ରେ ମାଓବାଦୀଙ୍କୁ ଯେପରି ଭାବେ ଦମନ କରାଯାଉଛି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହରେ ମଧ୍ୟ ଅନୁରୂପ ପଦକ୍ଷେପ ଆବଶ୍ୟକ। ଏଥିପାଇଁ ଅଧିକ ସଂଖ୍ୟାରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବା ଉଚିତ। ଏହାକୁ ବିରୋଧ କରିବା ଯୁକ୍ତିଯୁକ୍ତ ନୁହେଁ। କେତେବେଳେ କେଉଁଠି ଏହାର ଦୁରୂପଯୋଗ ହେଉଥାଇପାରେ। କିନ୍ତୁ ତା ଅର୍ଥ ନୁହେଁ ଯେ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ହଟାଇ ଦିଆଯିବ। ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ଏହା ଦ୍ୱାରା ବିପଦ ସୃଷ୍ଟି ହୋଇପାରେ।

ଦୀପାବଳି ଓ ଶବ୍ଦ ପ୍ରଦୂଷଣ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି । କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାଗର ରହି ତାସ୍ କିମ୍ବା ପଶା ଖେଳର ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଞ୍ଚଳର ଲୋକେ । ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍‌ତେରାସ୍, ନାରକ ଚତୁର୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ୍ୟ କୁହାଯାଇଥାଏ । ଆହୁରି ମଧ୍ୟ ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ୍ୟ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି । ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରୀରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ । ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି ।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି। ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୫ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍ଷ୍ଟର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୀପାବଳି ସହିତ ଶବ୍ଦ ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତୁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍‌ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍‌ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍‌ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍‌ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ।

ବର୍ଷକ ତମାମ ଭିତରେ ବିଶେଷକରି ଓଡ଼ିଆ ମାନଙ୍କ ପାଇଁ ପୁଣ୍ୟ କାର୍ତ୍ତିକ ଭିତରେ ଆସିଥାଏ ଏହି ଶୁଭ ଦୀପାବଳି। ଯାହାକି ହେଉଛି ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ। ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ। ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ୍ୟ ବ୍ୟାପକ ହୋଇଥାଏ। ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ। ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ। ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ। ଯାହାଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ। ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା। ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅସଚେତନତା ପାଇଁ ଆମେ ଏହାକୁ ଗୁରୁତ୍ୱ ଦେଇନଥାଉ। ଦୀପାବଳିରେ ବାଣ ଓ ବାହ୍ୟ ଖର୍ଚ୍ଚ ଅପେକ୍ଷା ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦୀତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ସ୍ମରଣ ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି ।

କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ

ଦୀପ ପ୍ରଜ୍ୱଳନ ଓ ବିଜ୍ଞାନ ଦୃଷ୍ଟିକୋଣ

ଡକ୍ଟର ରାଜକିଶୋର ମିଶ୍ର

ଅନ୍ଧାରର ବିନାଶ କରିଥାଏ ଦୀପ। ଏହା ସମସ୍ତଙ୍କର ମଙ୍ଗଳକାରିଣୀ ହୋଇଥାଏ। ଆମ ମହାନ ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତି ଓ ଓଡ଼ିଆ ଘର ଜୀବନ ଚଳଣୀ ଭିତରେ ବିଶେଷକରି ପର୍ବପର୍ବାଣୀ ସମୟରେ ପ୍ରଦୀପ ପ୍ରଜ୍ୱଳନର ଅନେକ ରୀତିନୀତି ରହିଛି। ଆନନ୍ଦର ସହ ଦୀପାବଳି ଦିନ ପ୍ରତିଟି ଓଡ଼ିଆଙ୍କ ଘରେ ପ୍ରଦୀପ ପ୍ରଜ୍ୱଳନ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥାଏ। ତେବେ ଏହି ପ୍ରଦୀପ ପ୍ରଜ୍ୱଳନ ସମ୍ପର୍କରେ ବିଜ୍ଞାନ ଦୃଷ୍ଟିକୋଣ ଏହା ବ୍ୟତୀତ କେତେକ କ୍ଷେତ୍ରରେ ବାସ୍ତୁଶାସ୍ତ୍ରର ସମ୍ପର୍କିତ ତଥ୍ୟ ଉଲ୍ଲେଖ ରହିଛି। ପ୍ରଦୀପ ପ୍ରଜ୍ୱଳନର ପ୍ରକୃଷ୍ଟ ସ୍ଥାନ ହେଉଛି ଘରର ବା କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନ, କାରଖାନା, ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର, ତୁଳସୀ ଚଉରା, ରୋଷେଇଘର, ଠାକୁର ଘରର କିମ୍ବା ଯେଉଁଠି ବି ମାତା ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ଆସ୍ଥାନ,

ମଣ୍ଡଳ ସ୍ତରୀୟ ସୁରଭି ଅନୁଷ୍ଠିତ

ଡେରାବିଶ, ୪/୧୧ (ସ୍ୱାଧିକାର ନ୍ୟୁଜ) : ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁ ହସିଲେ ଦେଶ ହସିବ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି ଡେରାବିଶ ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମତପ୍ରକାଶ କରିଛନ୍ତି। ଦାନପୁର ପଞ୍ଚାୟତ ଦୋହଳୀ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକ ସ୍ତରୀୟ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧିନସ୍ଥ ୧୭ ଗୋଟି ସାଧନ କେନ୍ଦ୍ର ଅଧିନସ୍ଥ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପାରଦର୍ଶତା ଦେଖାଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର ସଭାପତିତ୍ୱ କରିଥିବା ବେଳେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା ନାୟକ, ମୁକୁନ୍ଦପୁର ସରପଞ୍ଚ ମୀତାରାଣୀ ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଓ ସାଧନ କେନ୍ଦ୍ର ସଂଯୋଜକ ସୁବାଷ ଚନ୍ଦ୍ର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

ଆର୍ଥିକ ଓ ଡିଜିଟାଲ ସ୍ୱାକ୍ଷର ଶିବିର

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : ସଚେତନ ହୋଇ ବ୍ୟାଙ୍କ ଖାତାର ଆର୍ଥିକ ପରିଚାଳନା କରିବା ଏବଂ ସାଇବର ଠକଙ୍କ ଠାରୁ ସତର୍କ ରହିବା ନେଇ ଓଡିଶା ଗ୍ରାମ୍ୟବ୍ୟାଙ୍କ ମାର୍ଶାଘାଇ ଶାଖା ପକ୍ଷରୁ ବୁଧବାର ଗ୍ରାହକ ମାନଙ୍କ ଆର୍ଥିକ ଓ ଡିଜିଟାଲ ସଚେତନତା ଶିବିର ମାର୍ଶାଘାଇ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାର ଆର୍ଥିକ ସୁବିଧା ଡିବିଟି ଜରିଆରେ ପ୍ରଦାନ କରାଯାଉଥିବାରୁ ବ୍ୟାଙ୍କରେ ଆର୍ଥିକ କାରବାର ପାଇଁ ଖାତା ଖୋଲିବା ଜରୁରୀ ହୋଇପଡିଛି । ତେଣୁ ବ୍ୟାଙ୍କଗୁଡିକରେ ନୂଆ ସଂଚୟଖାତା ଖୋଲିବା, ନିୟମିତ ପରିଚାଳନା କରିବା, କେୱାଇସି ଅପଡେଟ କରିବା, ନୋମିନି ଚୟନ, ସାଇବର ଠକଙ୍କ କୁକୁଡ଼ା ଫାର୍ମ ଆଦି ଋଣ ସହଜରେ ପାଇ ପାରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏସଏଚଜି ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଋଣ ଏବଂ ସହାୟତା ଯୋଜନା ବ୍ୟାଙ୍କ ମାଧ୍ୟମରେ କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଆର୍ଥିକ ସଚେତନତା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ନାବାର୍ଡର କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ଅଧିକାରୀ ସ୍ମିତା ବଡ଼ଜେନା କହିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ବ୍ୟାଙ୍କର କେନ୍ଦ୍ରାପଡ଼ା ଆଞ୍ଚଳିକ ପ୍ରବନ୍ଧକ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୂଚନା ଦେଇଥିଲେ । ବ୍ଲକ ଜିପିଡିଓ ସୋନାଲି ବେଉରା, ବିପିଏମ ପ୍ରଭାତ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ଗ୍ରାମ୍ୟ ବ୍ୟାଙ୍କର ମାର୍ଶାଘାଇ ଶାଖାର କ୍ୟାସିୟର ସଂଜୀବ ରଥ ଶିବିରକୁ ପରିଚାଳନା କରିଥିଲେ ।

ନିଶାମୁକ୍ତ ଭାରତ ଅଭିଯାନ

ଡେରାବିଶ, ୪/୧୧ (ସ୍ୱାଧିକାର ନ୍ୟୁଜ) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତରେ ବିଜେପି ପକ୍ଷରୁ ସେବା ସପ୍ତକଳ୍ପ ଅଭିଯାନ-୨୦୨୬ ପରିପ୍ରେକ୍ଷୀରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦକ୍ଷବ୍ରହ୍ମପୁର ମଠ ନିକଟରୁ ଜିଲ୍ଲା ବିଜେପି ଉପସଭାନେତ୍ରୀ ମନୀଷା ପଣ୍ଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରାଯିବା ସହ ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଯୁବକଯୁବତୀ ଓ ସ୍ୱେଚ୍ଛାସେବୀ ମାନେ ଯୋଗଦେଇ ଜନସାଧାରଣଙ୍କୁ ନିଶାର କୁ ପରିଣତି ଉପରେ ଅବଗତ କରାଇବା ସହ ନିଶା ଠାରୁ ଦୂରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ସରୋଜକାନ୍ତ ପଣ୍ଡା,ଦାନପୁର ପଞ୍ଚାୟତ ପ୍ରମୁଖ ବିଜନ କୁମାର ସ୍ୱାଇଁ, ଅମୀୟ ରଞ୍ଜନ ନାୟକ, ବିଜନ କୁମାର ବେହେରା, ଲୋକନାଥ ନାୟକ, ରାଜକିଶୋର ଦାସ ଓ ମହନି ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

ରାଜସ୍ୱ ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୪/୧୧ (ସ୍ୱାଧିକାର ନ୍ୟୁଜ) : ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସକଙ୍କ ରାଜସ୍ୱ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମାର୍ଶାଘାଇ ରାଜସ୍ୱ ନିରୀକ୍ଷକ ରାଜେଶ ସେଠୀ, ଦୁମୁକା ସର୍କଲର ନିରୀକ୍ଷକ ତନୁୟା ତପସ୍ୱିନୀ ମୁର୍ମୁ, ତାଳସଙ୍ଗା ସର୍କଲର ଅରବିନ୍ଦ ଦାସ, ନେୟରା ସର୍କଲର ବିଜୟାଲକ୍ଷ୍ମୀ ପଲେଇ, ପେଣ୍ଡ ସର୍କଲର ଆଶୀର୍ବାଦ ବେହେରା, କରିଲୋପାଟଣା ସର୍କଲର ଜୟରାମ ବେହେରା,ଯମପଡା ସର୍କଲର ସୋନାଲି ଅପରାଜିତା ଦାସ, ପଳାସପୁର ସର୍କଲର ରାଜସ୍ୱ ନିରୀକ୍ଷକ ସ୍ୱାଗତିକା ମଲ୍ଲ, ଅମିନ ଦିଲ୍ଲୀପ କୁମାର ଦାସ, କନିଷ୍ଠ ସହାୟକ ସତ୍ୟ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଭୋଟ୍ ବର୍ଜନ କରିବେ ଦୁଇଟି ଗାଁର ଲୋକେ

ରେଢ଼ାଖୋଲ, ୪/୧୧ (ସ୍ୱାଧିକାର ନ୍ୟୁଜ) : ଯେବେଠାରୁ ୨୦୨୬ରେ ପଞ୍ଚାୟତ ନିର୍ବାଚନ ହେବା ଖବର ଘୋଷଣା ହେଲାଣି ସେବେ ଠାରୁ ଗାଁ ଓ ଛକ ଗୁଡିକରେ ଦଳୀୟ ନେତାଏବଂ ଜିତିଥିବା ଓ ପରାଜିତ ନେତାମାନଙ୍କ ଗହଳି ଦେଖିବାକୁ ଲାଗିଲାଣି । ଲୋକଙ୍କ ଠାରୁ ଭୋଟ ହାତେଇବେ କେମିତି ଏବଂ କେଉଁ ପ୍ରସଙ୍ଗକୁ ନେଇ ଭୋଟରଙ୍କ ସାମ୍ନା କରିବେ ତାହା ଏବେ ସବୁଠି ଚର୍ଚ୍ଚା । ତେବେ ଗତ ନିର୍ବାଚନ ବେଳେ ଜନ ପ୍ରତିନିଧିମାନେ ଦେଇଥିବା ପ୍ରତିଶ୍ରୁତି କେତେ କାର୍ଯ୍ୟକାରୀ ହୋଇଛି ସେସବୁର ମଧ୍ୟ ଗାଁ ଗୁଡିକରେ ସମୀକ୍ଷା ଚାଲିଲାଣି । ପଞ୍ଚାୟତ ଜନ ପ୍ରତିନଧିଙ୍କ କାର୍ଯ୍ୟକାଳ ସରିବାକୁ ବସିଲାଣି । ହେଲେ ଆଜି ବି ଗାଁର ପିଲାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଗମନା ଗମନ ଭଳି ମୌଳିକ ସୁବିଧା ପାଇପାରୁ ନାହାଁନ୍ତି । ଆଜି ବି ଲୋକେ ବିଲ ହୁଡାରେ ଯାତାୟାତ କରୁଛନ୍ତି । ଏଥର କିନ୍ତୁ ଗାଁରେ ଥିବା ସସସ୍ୟା ପାଇଁ ଭୋଟରଙ୍କ ରୋଶର ଶିକାର ହେବାକୁ ପଡିପାରେ ବୋଲି ଚର୍ଚ୍ଚା ହେଉଛି ।

ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ । ୧୨ଟି ୱାର୍ଡ କୁ ନେଇ ଗଠିତ ଏହି ପଞ୍ଚାୟତ । ତେବେ ଏହି ପଞ୍ଚାୟତରେ ୧୯୮୧ ଜଣ ମହିଳା, ୧୯୭୩ ଜଣ ପୁରୁଷ ତଥା ୩୯୫୪ ଜଣ ଭୋଟର ରହିଛନ୍ତି । ହେଲେ ଏହି ପଞ୍ଚାୟତରେ ଅଧିକାଂଶ ଗାଁ ପାହାଡି ତଳି ଅଂଚଳରେରେ ରହିଥିବା ବେଳେ ବିକାଶର ଅନେକ ଦାବି ଭିତରେ ଆଜି ବି ଯୋଗାଯୋଗର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଲୋକେ । ଚମ୍ପାଳୀ ନଈ ଉପରେ ପୋଲ ନଥିବାରୁ ନାନା ଅସୁବିଧାର ସମ୍ମୁଖୀନ ଦୁଇ ଗ୍ରାମବାସୀ । ଘୋଷରାମାଳ ପଞ୍ଚାୟତ କମଳାନାଳୀ ଓ ବଡ଼ବିଲ ଗାଁ। ଏହି ଗ୍ରାମର ଲୋକଙ୍କ ପାଇଁ ଅଭିଶାପ ପାଲଟିଛି ଏହି ଚମ୍ପାଳି ନଈ । ବିଶେଷକରି ବର୍ଷା ଦିନେ ନଈ ପାର ହେବା ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟୁଥିବା ଅଭିଯୋଗ ହେଉଛି । ଚମ୍ପାଳୀ ନଈରେ ପୋଲ ନିର୍ମାଣ ହୋଇନଥିବାରୁ କମଳାନାଳୀ ଓ ବଡ଼ବିଲ ଗ୍ରାମର ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଦୈନନ୍ଦିନ କାମ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଚିକିତ୍ସା ସେବା ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ନଈ ପାର ହେବାକୁ ପଡୁଥିବାରୁ ଲୋକେ ବିଭିନ୍ନ ସମସ୍ୟା ଭୋଗୁଥିବା କହିଛନ୍ତି । ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ଏବଂ ଛାତ୍ରଛାତ୍ରୀଙ୍କ ଯାତାୟାତ ନେଇ ଚିନ୍ତା ବଢୁଛି । ଏହି ନଈ ପାଇଁ ଗାଁ କୁ ଆମ୍ବୁଲାନ୍ସ ଯାଇପାରୁ ନଥିବାରୁ ୪ ଜଣ ଗୁରୁତର ରୋଗୀଙ୍କ ଜୀବନ ମଧ୍ୟ ଗଲାଣି । ତଥାପି ଜନପ୍ରତିନିଧି ଏବଂ ପ୍ରଶାସନର ନିଦ ଭାଙ୍ଗୁନି ।

ପୋଲ ପାଇଁ ପ୍ରଶାସନ ଠାରୁ ଆରମ୍ଭ କରି ନେତାମନ୍ତ୍ରୀଙ୍କୁ ଗୁହାରି କରିସାଲେଣି ଗ୍ରାମବାସୀ । ହେଲେ ଏଥିପ୍ରତି କେହି ଧ୍ୟାନ ଦେଉନଥିବା କହନ୍ତି ଗ୍ରାମବାସୀ । ନିର୍ବାଚନ ଆସିଲେ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି । ଭୋଟ୍ ପରେ ସବୁ ଭୁଲି ଯାଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏଥର କିନ୍ତୁ ପୋଲ ନିର୍ମାଣ ନହେଲେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଦୁଇ ଗ୍ରାମର ଲୋକେ ନିଷ୍ପତି ନେଇଛନ୍ତି ବୋଲି କମଳାନାଳୀ ଗ୍ରାମର ପରମେଶ୍ୱର ସାହୁ ଏବଂ ବଡବିଲ ଗ୍ରାମର ଗୌରଚନ୍ଦ୍ର ମାଝୀ ପ୍ରକାଶ କରିଛନ୍ତି ।

ଆଶ୍ରମ ସ୍କୁଲ୍‌ର ୧୨ ଛାତ୍ରଛାତ୍ରୀ ଏକଲବ୍ୟ ଏଣ୍ଟ୍ରାନ୍ସରେ ସଫଳ

ରାଇଘର, ୪/୧୧ (ସ୍ୱାଧିକାର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ଅନ୍ତର୍ଗତ ରାଜାପୁଟି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ସାଉଁଟିଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଏହି ବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇ ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି। ସୀମାନ୍ତ ଅଞ୍ଚଳରେ ରହି ଶିକ୍ଷା ଗ୍ରହଣ କରୁଥିବା ଏହି ଗରିବ ଓ ଆଦିବାସୀ ଶ୍ରେଣୀର ପିଲାମାନେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ଗୌରବ ହାସଲ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପାନକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠାପର ମାର୍ଗଦର୍ଶନ ଯୋଗୁଁ ପିଲାମାନଙ୍କୁ ଏହି ସଫଳତା ମିଳିପାରିଛି। ସଫଳତା ପାଇଥିବା କୃତୀ ଛାତ୍ରଛାତ୍ରୀମାନେ ହେଲେ ରଞ୍ଜିତ ଗଣ୍ଡ, ଶାନ୍ତିରାଜ ସାନ୍ତା,ବାବୁଲ ଗଣ୍ଡ, ଉପେନ୍ଦ୍ର ଗଣ୍ଡ, ପିଣ୍ଟୁ ଗଣ୍ଡ, ଶଙ୍କର ସାନ୍ତା, ଗୌରୀ ଶଙ୍କର ଭତ୍ରା, ଚଞ୍ଚଳା ଗଣ୍ଡ, କବିତା ଗଣ୍ଡ, ସାଗରିକା ଗଣ୍ଡ, ଗାୟତ୍ରୀ ଗଣ୍ଡ ଏବଂ ଚନ୍ଦ୍ରିକା ଗଣ୍ଡ। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ରାଇଘର ବ୍ଲକ ତଥା ନବରଙ୍ଗପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସୀମାନ୍ତ ଅଞ୍ଚଳର ଏହି ଆଶ୍ରମ ବିଦ୍ୟାଳୟର ପିଲାମାନଙ୍କ ଉଲ୍ଲେଖନୀୟ ସଫଳତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ସରପଞ୍ଚ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ସ୍ଥାନୀୟ ଜନସାଧାରଣ ସେମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିବା ସହ ଉତ୍ତୋରତ୍ତର ଉନ୍ନତି ନେଇ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପିଲାମାନେ ଏକଲବ୍ୟ ସ୍କୁଲରେ ପଢ଼ି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହ ଜିଲ୍ଲାର ସୁନାମ ଅର୍ଜନ କରିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ପାନକା ଆଶାବ୍ୟକ୍ତ କରିଛନ୍ତି।

ଇକୋ ରିଟ୍ରିଟ ପାଇଁ ପ୍ରଶାସନର କ୍ଷେତ୍ର ପରିଦର୍ଶନ

କୋଣାର୍କ, ୪/୧୧ (ସ୍ୱାଧିକାର ନ୍ୟୁଜ) : ଆସନ୍ତା ଡିସେମ୍ବର ମାସ ୧୩ ତାରିଖ ଠାରୁ କୋଣାର୍କ - ପୁରୀ ମେରାଇନ ଡ୍ରାଇଭ ରାସ୍ତାର ସାହୁଖଣତା ସ୍ଥିତି ବେଳାଭୂମି କୂଳରେ ଆରମ୍ଭ ହେବ ଇକୋ ରିଟ୍ରିଟ। ଚଳିତ ବର୍ଷ ଆୟୋଜନ ନିମନ୍ତେ ମଙ୍ଗଳବାର ଅପରାହ୍ନରେ ପୁରୀ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ସହ ଜିଲ୍ଲା ପ୍ରଶାସନ କ୍ଷେତ୍ର ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଇକୋ ରିଟ୍ରିଟକୁ ଆକର୍ଷଣୀୟ ଓ ମନୋରମ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କ ଅଧକ୍ଷତାରେ ଇକୋ ରିଟ୍ରିଟ ପାଇଁ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ଏହି ପରିଦର୍ଶନ ସମୟରେ ପୁରୀ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଗୋପ ବ୍ଲକ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ , ପର୍ଯ୍ୟଟନ ଅଧିକାରୀ ମାମିନି ପରିଡା ଓ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇ କହିଛନ୍ତି ଯେ ଖୁବ ଶୀଘ୍ର ଇକୋ ରିଟ୍ରିଟ ନିମନ୍ତେ ରାସ୍ତା ନିର୍ମାଣ, ବିଦ୍ୟୁତ କରଣ, ପାନୀୟ ଜଳଯୋଗାଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ କଟେଜ ନିର୍ମାଣ ଆରମ୍ଭ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପ୍ରାକ ଆକଳନ କାର୍ଯ୍ୟ ଆରମ୍ଭ କରାଯିବା ପରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଆରମ୍ଭ ହେବ। ଏହି ଅବସରରେ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିଆରୀ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁ ଓ ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ

ବିଞ୍ଜାରପୁର, ୪/୧୧ (ସ୍ୱାଧିକାର ନ୍ୟୁଜ) : ଯାଜପୁର ଜିଲ୍ଲା ବିଞ୍ଜାରପୁର ବ୍ଲକ୍ ହଳଦୀଡିହ ପଞ୍ଚାୟତରେ ଘରଭଙ୍ଗା ସହାୟତାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଗତ ସୋମବାର ଦିନ ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ଯାଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ରହିଛି ଯେ ଗତ ବନ୍ୟାରେ ହଳଦୀଡିହ ପଞ୍ଚାୟତରେ ସର୍ବାଧିକ କ୍ଷତି ହୋଇଛି । ଲଗାତାର ଭାବେ ୫ ଥର ବନ୍ୟା ଜଳ ପଶିଥିବା ଯୋଗୁ ବହୁ କଚ୍ଚାଘର ଭାଙ୍ଗିରୁଜି ଯାଇଛି । ଏଥିରେ ଅନେକ ରହିବା ଘର ଥିବା ବେଳେ ଅନେକ ଗୋରୁ ଗୁହାଳ ମଧ୍ୟ ରହିଛି । ସୂଚନା ଥାଉ କି ଗତ ଜୁଲାଇ ମାସ ୩୧ ତାରିଖ ଜରୀ ନୂଆମାହାର ବାମ ପାର୍ଶ୍ୱ, ନାଉବାଙ୍କ ହଳିଦାଡିହ ବନ୍ଧ ରାସ୍ତାରେ ସୃଷ୍ଟି କରାଯାଇଥିଲା ମଣିଷକୃତ ଘାଇ । ଘାଇ ଫଳରେ ଚାଷବାସ ସଂପୂର୍ଣ୍ଣ ଉଜୁଡି ଯିବା ସହ ହଳଦୀଡିହ ଓ ଫଳପୁର ଗ୍ରାମରେ ଦେଖାଦେଇଥିଲା ବନ୍ୟା ବିଭୀଷିକା । ଲୋକେ ଜଳବନ୍ଦୀ ହୋଇ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ତେବେ ଖରସ୍ରୋତା ମଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ଏହି ଉଭୟ ଗ୍ରାମ ୫ ଥର ବନ୍ୟାର କରାଳ ରୂପରେ ପେଶି ହୋଇଥିଲେ । ତେବେ ଏବେକୁ ଘରଭଙ୍ଗା ବାବଦୀୟ କ୍ଷତିପୂରଣ ମିଳୁଛି । ମାତ୍ର ଏଠାକାର ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ମୃତ୍ୟୁଞ୍ଜୟ ମଲିକ ପ୍ରିୟାପ୍ରୀତି ତୋଷଣ କରି, ଅଯୋଗ୍ୟ ମାନଙ୍କୁ ଚୟନ କରିଥିବା ବେଳେ ବାସ୍ତବରେ ଯେଉଁ ମାନଙ୍କର କ୍ଷତି ହୋଇଛି ସେମାନଙ୍କୁ ଉପେକ୍ଷିତ କରାଇଥିବା ଭଳି ହୋଇଛି ଅଭିଯୋଗ । ତେବେ ଜିଲ୍ଲାପାଳ ଯଦି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପୁନଃର୍ବିଚାର ନକରନ୍ତି, ତେବେ ଉଭୟ ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଦେଇଛନ୍ତି ଚେତାବନୀ ।

ଖଣି ବିଭାଗର ଚଢ଼ାଉ : ପୋକଲିନ, ଡମ୍ପର ଏବଂ ପମ

ଭାରତ ପାଇଁ ଖୋଲା ଅଛି ହର୍ମୁଜ୍ ଗେଟ୍ : ଇରାନ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ଏବଂ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଉପରେ କଠୋର କଟକଣା ମଧ୍ୟରେ, ତେହେରାନ ଭାରତକୁ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଏବଂ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିଛି । ଇରାନ ଏହି ରଣନୈତିକ ସମୁଦ୍ର ମାର୍ଗ ଦେଇ ଜାହାଜ ଚଳାଚଳ ପାଇଁ ଭାରତ, ଚୀନ୍, ଇରାକ ଏବଂ କାତାରକୁ ସ୍ୱତନ୍ତ୍ର ଛାଡ ପ୍ରଦାନ କରିଛି । ବିଶ୍ୱ ଶକ୍ତି ସଙ୍କଟ ଏବଂ ଯୋଗାଣ ଶୃଙ୍ଖଳା ବିଭ୍ରାଟ ନେଇ ଚିନ୍ତା ମଧ୍ୟରେ ଏହି ନିଷ୍ପତ୍ତି ହରମୁଜ୍ ପ୍ରଣାଳୀ ଦେଇ ଭାରତୀୟ ତେଲ ଏବଂ ବାଣିଜ୍ୟିକ ଜାହାଜ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିଛି ।

ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଆମିର ହାୟାତ ମୋକାଦ୍ଦାମଙ୍କ ବିବୃତ୍ତି ଏବଂ କୂଟନୈତିକ ସୂତ୍ର ଅନୁଯାୟୀ, ତେହେରାନ ଏହି କଟକଣାରୁ କିଛି ରଣନୈତିକ ଅଂଶୀଦାରଙ୍କୁ ମୁକ୍ତ କରିଛି । କାତାରକୁ ମାଗଣା ପଥ ପ୍ରଦାନ କରାଯାଇଥିବା ବେଳେ, ଟ୍ରାନଜିଟ୍ ଫି ଏବଂ ସ୍ୱତନ୍ତ୍ର ରଣନୈତିକ ଚୁକ୍ତିନାମା ଅଧୀନରେ ଭାରତ ଏବଂ ଚୀନ ପାଇଁ କରିଡର ଖୋଲାଯାଇଛି । ଏହି ଛାଡ ବଦଳରେ ଭାରତର ଅତ୍ୟାବଶ୍ୟକ ଔଷଧ ଯୋଗାଣ ଏବଂ କୂଟନୈତିକ ସମର୍ଥନ ସୁରକ୍ଷିତ କରିବା ପାଇଁ ଇରାନ ଏକ ରଣନୀତି ଉପରେ କାମ କରୁଛି ।

କୂଟନୈତିକ ମହଲରେ, ଏହି ପ୍ରମୁଖ ନିଷ୍ପତ୍ତିକୁ ଭାରତୀୟ ନୌସେନା ଏବଂ ବାୟୁସେନା ଦ୍ୱାରା ସାମ୍ପ୍ରତିକ ଏକ ସାହସିକ ଉଦ୍ଧାର ଅଭିଯାନ ସହିତ ମଧ୍ୟ ଯୋଡାଯାଉଛି । ଭାରତୀୟ ସୁରକ୍ଷା ବାହିନୀ ସମ୍ପ୍ରତି ଗଭୀର ସମୁଦ୍ରରେ ଫସି ରହିଥିବା ୨୦ ଜଣ ଇରାନୀ ନାବିକଙ୍କୁ ଉଦ୍ଧାର କରିଛି, ଯାହା ଦୁଇ ଦେଶ ମଧ୍ୟରେ ମାନବିକ ଏବଂ କୂଟନୈତିକ ବିଶ୍ୱାସକୁ ସୁଦୃଢ଼ କରିବାରେ ଏକ ପରିବର୍ତ୍ତନ ଭାବରେ ଦେଖାଯାଉଛି । ଭାରତର ଅଶୋଧିତ ତେଲର ଏକ ବଡ଼ ଅଂଶ ଏହି ସଂକୀର୍ଣ୍ଣ ସମୁଦ୍ର ପଥ ଦେଇ ଯାଏ, ତେଣୁ ତେହେରାନର ଏହି ପଦକ୍ଷେପକୁ ଭାରତର ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ । ବିଶ୍ୱର ଅଶୋଧିତ ତେଲ ଏବଂ ଗ୍ୟାସର ଏକ ବଡ଼ ଅଂଶ ଏହା ଦେଇ ଗତି କରେ । ତେଣୁ, ପରିବହନରେ କୌଣସି ପ୍ରତିବନ୍ଧକ କିମ୍ବା ବାଧା ଆନ୍ତର୍ଜାତୀୟ ତେଲ ବଜାର ଏବଂ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିପାରେ । ଏହି ମାର୍ଗ ଭାରତର ଶକ୍ତି ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଦୀପାବଳି ପୂର୍ବରୁ ମହଙ୍ଗା ମାଡ଼

ନୂଆଦିଲ୍ଲୀ୪।୧୧(ଏଜେନ୍ସି): ଦୀପାବଳି ପାଖେଇ ଆସୁଛି, ଏବଂ ବିଭିନ୍ନ ପ୍ରକାରର ମିଠା, ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଏହି ସମୟରେ, ରୋଷେଇ ଘରେ ପୁଣି ହୋଇଛି ମହଙ୍ଗାମାଡ । ଦେଶର ସବୁଠାରୁ ବିଶ୍ୱସ୍ତ ଡାଏରୀ ବ୍ରାଣ୍ଡ ଅମୂଲ, ପର୍ବ ପୂର୍ବରୁ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି କରିଛି ।

କମ୍ପାନୀ ସିଧାସଳଖ ୧ କିଲୋଗ୍ରାମ ଅମୂଲ ଘିଅ ପ୍ୟାକେଟର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରିଛି, ୫୦୦ ଗ୍ରାମ ବଟର ପ୍ୟାକେଟ ମଧ୍ୟ ୧୫ ଟଙ୍କା ମହଙ୍ଗା ହୋଇଛି । ଏହା ବ୍ୟତୀତ ଗୁଜରାଟ ସମେତ ଦେଶର ଅନେକ ପ୍ରମୁଖ ସହରରେ ଅମୂଲ ଘିଅ ଅଭାବ ଦେଖାଯାଇଥିବା ଜଣାପଡ଼ିଛି ।ନକଲି ଘିଅ ଉପରେ କଟକଣା ଏବଂ ବିଶ୍ୱସ୍ତ ବ୍ରାଣ୍ଡର ଚାହିଦା: ସାମ୍ପ୍ରତିକ ଦିନରେ, ଗୁଜରାଟ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦,୦୦୦ କିଲୋଗ୍ରାମ ଭେଜାଲ/ନକଲି ଘିଅ ଜବତ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ପରେ, ଗ୍ରାହକମାନେ ସ୍ଥାନୀୟ କିମ୍ବା ଅଣବ୍ରାଣ୍ଡେଡ୍ ଘିଅରୁ ଅମୂଲ ଭଳି ବିଶ୍ୱସ୍ତ ବ୍ରାଣ୍ଡକୁ ସ୍ଥାନାନ୍ତରିତ ହୋଇଛନ୍ତି, ଯାହା ଫଳରେ ଚାହିଦା ହଠାତ୍ ବୃଦ୍ଧି ପାଇଛି ।ପର୍ବପର୍ବାଣୀ ଚାହିଦା: ଦେଶର ମୋଟ ବାର୍ଷିକ ବ୍ୟବହାରର ପ୍ରାୟ ୪୫% ପର୍ବପର୍ବାଣୀ ଋତୁ ପାଇଁ । ଦୀପାବଳି ପୂର୍ବରୁ ଚାହିଦାର ଏହି ବୃଦ୍ଧି ଯୋଗାଣ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଛି ।ସେପ୍ଟେମ୍ବର ୨୦୨୫ରେ, ଯେତେବେଳେ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସଟି ହାର ୧୨% ରୁ ୫% କୁ ହ୍ରାସ କରାଯାଇଥିଲା, ସେତେବେଳେ ଅମୂଲ ୧ ଲିଟର ଘିଅ ପ୍ୟାକେଟର ମୂଲ୍ୟ ୬୫୦ ରୁ ୬୧୦ ଏବଂ ବଟର ୩୦୫ ରୁ ୨୮୫ କୁ ହ୍ରାସ କରିଥିଲା । ଏହି ସଦ୍ୟତମ ମୂଲ୍ୟ ବୃଦ୍ଧି ଜିଏସଟି ହ୍ରାସ ଦ୍ୱାରା ପ୍ରଦାନ କରାଯାଇଥିବା ଆଶ୍ୱସ୍ତିର ମୂଲ୍ୟକୁ ସମ୍ପୂର୍ଣ୍ଣ ହ୍ରାସ କରି ଦେଇଛି । ଦୀପାବଳି ପବିତ୍ର ଅବସରରେ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି ସାଧାରଣ ପରିବାରର ଉତ୍ସବ ବଜେଟକୁ ନିଶ୍ଚିତ ପ୍ରଭାବିତ କରିବ ବୋଲି କୁହାଯାଉଛି ।

ଭାରତରେ ଖସିପଡ଼ିବ ନାସା ଟେଲିସ୍କୋପ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଭାରତରେ ଖସିପଡ଼ିବ ନାସାର ଟେଲିସ୍କୋପ! । ୧.୫ ଟନ୍ ଓଜନର ମହାକାଶ ଟେଲିସ୍କପ ଭାରତରେ ଖସି ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି । ୧.୫ ଟନ୍ ଓଜନର ମହାକାଶ ଟେଲିସ୍କୋପ 'ନିଲ୍ ଗେହରେଲ୍ସ ସ୍ୱିଫ୍ଟ ଅବଜରଭେଟୋରୀ' ପୃଥିବୀର ବାୟୁମଣ୍ଡଳକୁ ଫେରିବାକୁ ଯାଉଛି ।



୨୦୦୪ ମସିହାରେ ମହାକାଶକୁ ପଠାଯାଇଥିବା ଏହି ଟେଲିସ୍କୋପ ପ୍ରାୟ ୨୨ ବର୍ଷ ଧରି ମହାକାଶରେ କାର୍ଯ୍ୟ କରିଛି। ବୁଧବାର ଏହା ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିଛି । ଏହାର ଅବଶେଷ ଭାରତର କିଛି ଅଞ୍ଚଳରେ ପଡ଼ିବାର ସମ୍ଭାବନା ଥିବାରୁ ଓଡ଼ିଶା ସମେତ କେତେକ ଅଞ୍ଚଳ ମଧ୍ୟ ସମ୍ଭାବ୍ୟ କ୍ଷେତ୍ର ମଧ୍ୟରେ ରହିଛି । ତେବେ ଏହା କେଉଁ ସ୍ଥାନରେ ଖସିବ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ଟେଲିସ୍କୋପର ଅଧିକାଂଶ ଅଂଶ ବାୟୁମଣ୍ଡଳରେ ଜଳିଯିବ । କିଛି ଅଂଶ ପୃଥିବୀ ପୃଷ୍ଠରେ ପହଞ୍ଚିପାରେ । ଅଧିକାଂଶ ଅବଶେଷ ସମୁଦ୍ରରେ ପଡ଼ିବାର ସମ୍ଭାବନା ରହିଛି ।

ବସ୍ତିରେ ଭୟଙ୍କର ଅଗ୍ନିକାଣ୍ଡ, ୨ ମୃତ

ଶ୍ରୀନଗର,୪।୧୧(ଏଜେନ୍ସି):ଜମ୍ମୁ-କାଶ୍ମୀରର ଶ୍ରୀନଗର ସ୍ଥିତ ବେମିନା ଅଞ୍ଚଳର ଦୁର୍ବଳ ବସ୍ତିରେ ଏକ ମର୍ମନ୍ତୁଦ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ କାଠ ଓ ତାରପାଲରେ ନିର୍ମିତ ପ୍ରାୟ ୮୦ଟି ଅସ୍ଥାୟୀ ଝୁମ୍ପୁଡ଼ି ଘର ଜଳି ପାଉଁଶ ହୋଇଯାଇଥିବାବେଳେ ଦୁଇ ଜଣ



କବାଡ଼ିଆଙ୍କ ଜୀବନ ଚାଲିଯାଇଛି । ଗତକାଲି ରାତି ପ୍ରାୟ ୧୨ ଟା ୨୩ ମିନିଟ୍ ସମୟରେ ଏହି ନିଆଁ ଲାଗିଥିଲା । ଝୁମ୍ପୁଡ଼ି ଘରଗୁଡ଼ିକରେ ଜ୍ୱଳନଶୀଳ ସାମଗ୍ରୀ ଥିବାରୁ ନିଆଁ ମାତ୍ର କିଛି ସମୟ ଭିତରେ ଚାରିଆଡ଼ ବ୍ୟାପିଯାଇଥିଲା । ନିଆଁ ଆୟତ୍ତ ହେବା ପରେ ଉଦ୍ଧାରକାରୀ ଦଳ ମଝିରୁ ଦୁଇଟି ଶବ ଉଦ୍ଧାର କରିଥିଲେ । ଏହି ଦୁଇଟି ଶବ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ମୃତକମାନେ ହେଲେ ଦିଲ୍ଲୀର ୨୭ ବର୍ଷୀୟ ମହମ୍ମଦ ନୁର ଆଲମ ଏବଂ ୧୬ ବର୍ଷୀୟ ଅଲ୍ ଅମିନ୍ । ଉଭୟେ କବାଡ଼ିଆ କାମ କରୁଥିଲେ । ଖବର ପାଇ ଓଠଉ ଏବଂ ରାଓ୍ୱଲପୋରା ଫାୟାର ଷ୍ଟେସନର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ବଟାମାଲୁ ମୁଖ୍ୟାଳୟରୁ ଅଧିକ ଦମକଳ ଗାଡ଼ି ଆସି ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଆଁକୁ ଆୟତ୍ତ କରିଥିଲେ । ଆଇନଗତ ପ୍ରକ୍ରିୟା ଏବଂ ଫରେନସିକ୍ ଯାଞ୍ଚ ପରେ ଶବଗୁଡ଼ିକୁ ପୁଲିସକୁ ହସ୍ତାନ୍ତର କରାଯାଇଛି । ପୋଷ୍ଟମର୍ଟମ ସରିବା ପରେ ମୃତକଙ୍କ ପରିବାରବର୍ଗଙ୍କୁ ଶବଗୁଡ଼ିକ ହସ୍ତାନ୍ତର କରାଯିବ ।ପ୍ରଶାସନ ପକ୍ଷରୁ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବାକୁ ତଦନ୍ତ ଆରମ୍ଭ ହୋଇଛି ।

ଭାରତ-ପାକ୍ ବର୍ଡର ରେଲୱେ ଟ୍ରାକ୍‌ରେ ବ୍ଲାଷ୍ଟ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ରେଳ ଧାରଣାରେ ଭୟଙ୍କର ବିସ୍ଫୋରଣ । ରାଜସ୍ଥାନ ଶ୍ରୀଗଙ୍ଗାନଗରରେ ଟ୍ରେନ୍ ଉଡ଼ାଇବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି । ଭାରତ -ପାକିସ୍ତାନ ସୀମା ପାଖ ଅନୁପଗଡ଼-ସୁରତଗଡ଼ ରେଳପଥରେ ଭୟଙ୍କର ବିସ୍ଫୋରଣ ହୋଇଛି । ମଙ୍ଗଳବାର ରାତି ପ୍ରାୟ ୯ଟା ୪୫ରେ ୫୦ ଜିବି ଗାଁ ନିକଟରେ ବିସ୍ଫୋରଣ ଘଟିଥିଲା । ବ୍ଲାଷ୍ଟରେ ରେଳ ଧାରଣା ତଳେ ଥିବା ୨ ସିମେଣ୍ଟ ସ୍ଲିପର କ୍ଷତିଗ୍ରସ୍ତ ହୋଇଛି । ରେଳବାଇ ଅଧିକାରୀ ଓ ସୁରକ୍ଷା ଏଜେନ୍ସି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଟ୍ରେନକୁ ଉଡାଇବାକୁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଥିଲା । ବିପଦ ଟଳିଯାଇଛି । ହେଲେ ବିସ୍ଫୋରଣ ପରେ ସେହି ରୁଟ୍‌ରେ ଏକାଧିକ ଟ୍ରେନ୍ ଚଳାଚଳ ବାତିଲ ହୋଇଛି । ହାଇ ଆଲର୍ଟ ଜାରି କରାଯାଇଛି ।

ଏଟିଏସ୍ ତଦନ୍ତ- ଶ୍ରୀଗଙ୍ଗାନଗରରେ ବୋମା ସହିତ ଟ୍ରେନ୍ ବିସ୍ଫୋରଣ କରିବାର ଷଡଯନ୍ତ୍ର ପଣ୍ଡ ହୋଇଛି । ଯାତ୍ରୀବାହୀ ଟ୍ରେନ୍

ଏହି ଟ୍ରାକ୍ ଦେଇ ଯିବାର ମାତ୍ର ୪୫ ମିନିଟ୍ ପରେ ଏକ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଟ୍ରାକରେ ଥିବା ସ୍ତମ୍ଭଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ଶ୍ରୀଗଙ୍ଗାନଗରର ଏସପି ଏବଂ ଏଫଏସଏଲ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣା ପରେ ଏହି ମାର୍ଗରେ ଥିବା ଟ୍ରେନ୍ ପ୍ରଭାବିତ ହୋଇଛି । ମିଳିଥିବା ସୂଚନା ମୁତାବକ, ବିସ୍ଫୋରଣର ୪୫ ମିନିଟ୍ ପୂର୍ବରୁ ଏକ ଯାତ୍ରୀବାହୀ ଟ୍ରେନ୍ ସେହି ଟ୍ରାକ୍ ଦେଇ ଯାଇଥିଲା। ଟ୍ରେନ୍ ଅତିକ୍ରମ କରିବା ପରେ ଟ୍ରାକ୍ ଉପରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଜୋରରେ ଥିଲା ଯେ,ଏହାର ଶବ୍ଦ ଆଖପାଖ ଅଞ୍ଚଳରେ ପହଞ୍ଚିଥିଲା ଏବଂ ଟ୍ରାକରେ ଥିବା ସିମେଣ୍ଟ ସ୍ତମ୍ଭଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ସ୍ତମ୍ଭ ଭିତରେ ଥିବା ବାଡ଼ି ମଧ୍ୟ ବାହାରକୁ ଆସିଲା । ଖବର ପାଇବା ପରେ ରେଳ ପ୍ରଶାସନ ସହ ଏସପି ଓ ଏଟିଏସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣ ସମ୍ପର୍କରେ ସୂଚନା ନେଇଥିଲେ। ଅନୁପଗଡ଼-ସୁରତଗଡ଼ ରେଳ ଲାଇନର ଟ୍ରାକରେ ଥିବା ଅନୁପଗଡ଼-ଭଟିଣ୍ଡା ଟ୍ରେନକୁ ଟାର୍ଗେଟ କରିବାର ଯୋଜନା ଥିଲା, କିନ୍ତୁ ତାହା ବିଫଳ ହୋଇଥିଲା । ବର୍ତ୍ତମାନ ଘଟଣାର ତଦନ୍ତ ଚାଲିଛି ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନ ସହ ଏଟିଏସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଟ୍ରାକ୍ ଉପରେ ବିଛାଯାଇଥିବା ଅନେକ ସିମେଣ୍ଟ ସ୍ତମ୍ଭ ସମ୍ପୂର୍ଣ୍ଣ ବିକ୍ଷିପ୍ତ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସ୍ତମ୍ଭ ଭିତରେ ଥିବା ବାଡ଼ି ମଧ୍ୟ ବାହାରକୁ ଆସିଥିଲା ଏବଂ ଟ୍ରାକରେ ରଖାଯାଇଥିବା ବାଲାଷ୍ଟ ମଧ୍ୟ ଦୂର ଦୂରାନ୍ତରେ ବିଛାଡି ହୋଇ ପଡିଥିଲା ଟ୍ଟ ଅନୁସନ୍ଧାନକାରୀ ଦଳ ବିସ୍ଫୋରଣ ସ୍ଥଳରେ ପହଞ୍ଚି ସୁରକ୍ଷା ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଛନ୍ତି । ଏହି ସମୟରେ ବହୁ ସଂଖ୍ୟାରେ ଲୋକଙ୍କ ସହ ପ୍ରଶାସନ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଶ୍ରୀଗଙ୍ଗାନଗର ଏସପି ହରିଶଙ୍କର କହିଛନ୍ତି ଯେ, ବିସ୍ଫୋରଣ ବିଷୟରେ ଖବର ପାଇବା ପରେ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳର ତଦନ୍ତ ଆରମ୍ଭ କରିଛି । ଏହି ଘଟଣାକୁ ଦୃଷ୍ଟିରେ ରଖି ଏକ ବୋମା ନିଷ୍କ୍ରିୟକାରୀ ଦଳକୁ ମଧ୍ୟ ଡକାଯାଇଥିଲା, ଯାହା ପହଞ୍ଚି ତଦନ୍ତ କରୁଛି ବୋଲି ଏସପି କହିଛନ୍ତି । ଏଫଏସଏଲ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିଥିଲେ । ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

ପତ୍ନୀକୁ 'ବୋକା' କହିବା ନିଷ୍ଠୁରତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ୪।୧୧(ଏଜେନ୍ସି): ପତ୍ନୀକୁ ଯଦି ତା'ର ପତି 'ବୋକା' (ଷ୍ଟୁପିଡ) ଓ 'ଅଦରକାରୀ' (ୟୁସ୍‌ଲେସ୍) କହି ଗାଳିଦିଏ ତେବେ ଏହାକୁ ନିଷ୍ଠୁରତା ବୋଲି କୁହାଯାଇପାରିବ ନାହିଁ। ଏପରି କହିବା ଦ୍ୱାରା କୌଣସି ପ୍ରକାର ଅପରାଧିକ ଧମକ କିମ୍ବା ଭୟଭୀତ କରିବା ନୁହେଁ ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ବିଚାରପତି ବିଭି ନାଗରତ୍ନା ଓ ବିଚାରପତି ମନମୋହନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ପୀଠ ସୋମବାର ଏପରି ମତବ୍ୟକ୍ତ କରିଛନ୍ତି। ଏପରି କଥାକୁ ନେଇ ଆତ୍ମହତ୍ୟା କରିଥିବା ଜଣେ ମହିଳାଙ୍କ ସ୍ୱାମୀ ବିରୋଧରେ ଯୌତୁକ ନିର୍ଯାତନା ଜନିତ ହତ୍ୟା ଓ ନିଷ୍ଠୁରତା ଆଚରଣ ଭଳି ମାମଲା ରୁଜୁ କରାଯାଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ବମ୍ବେ ହାଇକୋର୍ଟ ସମ୍ପୃକ୍ତ ସ୍ୱାମୀଙ୍କ ବିରୋଧରେ ହତ୍ୟା ମାମଲା ଚାଲୁ କରିବାକୁ ଅନୁମତି ଦେଇଥିଲେ। ମାତ୍ର ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଏ ସମ୍ପର୍କିତ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି।ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରଥମିକ ଭାବେ ଯଦି ସ୍ୱାମୀ ତାଙ୍କ ସ୍ତ୍ରୀକୁ ଏପରି କହିଥିବା ସତ୍ୟ ହୋଇଥାଏ ତେବେ ଏହାକୁ ଅପରାଧିକ ଧମକ କିମ୍ବା ଭୟଭୀତ କରିବା ବୋଲି କୁହାଯାଇପାରିବ ନାହିଁ। ଏହାକୁ ଅପରାଧର ରଙ୍ଗ ଦିଆଯାଇପାରିବ ନାହିଁ ଯାହା ଦ୍ୱାରା ପତ୍ନୀ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ଅତିକମ୍ରରେ ପତ୍ନୀଙ୍କୁ ଏପରି କହିବା ପତିର ପ୍ରକୃତ, ସ୍ୱଭାବ ଓ ମାନସିକସ୍ଥିତିକୁ ସୂଚିତ କରିଥାଏ। ସୁପ୍ରିମକୋର୍ଟ କହିଛନ୍ତି ଯେ ନିର୍ଯାତନାର ନିର୍ଦ୍ଦିଷ୍ଟ ପ୍ରକାର ଉଲ୍ଲେଖ ନ କରି ସାଧାରଣ ଭାବେ ନିର୍ଯାତନା ଅଭିଯୋଗ କରିବା ଦ୍ୱାରା ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ଚାଲୁ କରାଯାଇପାରିବ ନାହିଁ। ମାମଲାରେ ସମ୍ପୃକ୍ତ ପତି ଓ ପତ୍ନୀ ଜାନୁଆରୀ ୨୦୨୧ରେ ବିବାହ କରିଥିଲେ।

୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରା ଜାରି

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଆପଣ ୧୦ ଟଙ୍କିଆ ଓ ୨୦ ଟଙ୍କିଆ କଏନ୍ ନିଶ୍ଚିତ ଦେଖିଥିବେ। ପ୍ରତିଦିନ କିଣାକିଣିରେ ଏହାକୁ ବ୍ୟବହାର ମଧ୍ୟ କରୁଥିବେ। କିନ୍ତୁ ଏବେ ଦେଶରେ ଜାରି ହୋଇଛି ୨୫୦ ଟଙ୍କିଆ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା। ଏହି ନିଆରା କଏନ୍ ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ମହାନ କର୍ଣ୍ଣାଟକ ସଙ୍ଗୀତଜ୍ଞ ମୁଥୁସ୍ୱାମୀ ଦୀକ୍ଷିତାରଙ୍କ ୨୫୦ତମ ଜୟନ୍ତୀ ଅବସରରେ ଏହି ସ୍ୱତନ୍ତ୍ର ମୁଦ୍ରା ଜାରି କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବାରାଣସୀରେ ଆଇଆଇଟି-ବିଏଚ୍ୟୁ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏହି ୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରାକୁ ଉନ୍‌ମୋଚନ କରିଛନ୍ତି। ତେବେ ଏହି ମୁଦ୍ରା କ'ଣ ସାଧାରଣ କିଣାକିଣିରେ ବ୍ୟବହାର କରିହେବ ଏହାର ଓଜନ କେତେ ଏବଂ ଦାମ୍ କେତେ ଆସନ୍ତୁ ଜାଣିବା।



ଏହି ସ୍ମାରକୀ ମୁଦ୍ରାକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହାକୁ ସାଧାରଣ ଟଙ୍କା ଭଳି ବ୍ୟବହାର କରିହେବ କି ତେବେ ଏହି କଏନ୍ ସାଧାରଣ ଦୈନନ୍ଦିନ ଲେଣଦେଣ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହାକୁ ଏକ ସ୍ମାରକୀ ଓ ସଂଗ୍ରହଯୋଗ୍ୟ ମୁଦ୍ରା ଭାବେ ଜାରି କରାଯାଇଛି। ଯେଉଁମାନେ ଏଭଳି ନିଆରା କଏନ୍ ସଂଗ୍ରହ କରିବାକୁ ପସନ୍ଦ କରନ୍ତି, ସେମାନେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ମିଣ୍ଟର ଅଧିକାରିକ ୱେବସାଇଟ୍‌ରୁ ଏହାକୁ କିଣିପାରିବେ। ଏହି ୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରାକୁ ୪ଟି ଧାତୁର ମିଶ୍ରଣରେ ପ୍ରସ୍ତୁତ କରାଯାଇଛି। ଏଥିରେ ରହିଛି ରୁପା, ତମ୍ବା, ନିକେଲ ଓ ଜିଙ୍କ। ଏହାର ଓଜନ ୩୫ ଗ୍ରାମ ରହିଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ଓ ଐତିହାସିକ ମହତ୍ତ୍ୱ ଏହାକୁ କଏନ୍ ସଂଗ୍ରହକାରୀଙ୍କ ପାଇଁ ଆକର୍ଷଣୀୟ କରିଛି।ଏହି ସ୍ମାରକୀ ମୁଦ୍ରାର ମୂଲ୍ୟକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଏହାର ବିକ୍ରୟ ମୂଲ୍ୟ ପ୍ରାୟ ୬,୯୮୫ ଟଙ୍କା ରଖାଯାଇଛି। ଅର୍ଥାତ୍ ଏହାର ମୂଲ୍ୟ ୨୫୦ ଟଙ୍କା ହୋଇଥିଲେ ମଧ୍ୟ ଏହାକୁ କିଣିବା ପାଇଁ ପ୍ରାୟ ୭ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ।

ଗଣତନ୍ତ୍ରରେ ଲୋକମାନେ ପରିବର୍ତ୍ତନ କରନ୍ତି : ଯୋଗୀ

ନୂଆଦିଲ୍ଲୀ,୪।୧୧(ଏଜେନ୍

ଦିନିକିଆରେ ଭାରତର ବିଜୟ ଅଭିଯାନ

କମ୍ବୋଜ-କୋହଲିଙ୍କ ଦମ୍‌ଦାର ପ୍ରଦର୍ଶନ, ୫ ୱିକେଟ୍‌ରେ ହାରିଲା କିୱି

ଅକ୍‌ଲାଣ୍ଡ: ନ୍ୟୁଜିଲାଣ୍ଡ ଗସ୍ତରେ ଟ୍‌ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ଦିନିକିଆରେ ବି ଆଗୁଆ ହୋଇଯାଇଛି। ବୁଧବାର ସ୍ଥାନୀୟ ଇଡେନ୍ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୫ ୱିକେଟ୍ (ଡିଏଲ୍‌ଏସ୍)ରେ ଜିତି ନେଇଛି। ୧୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ୧ ରନ୍‌ରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ। ନବାଗତ କମ୍ବୋଜ (୨/୨୨)ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି।

ଦଳୀୟ ସ୍କର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା। ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।

କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ସ୍ମିଥ୍‌ଙ୍କ ବଲ୍‌ରେ ୱିକେଟ୍‌କିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପ୍ୟାଭିଲିୟନ୍ ଫେରିଥିଲେ। କିନ୍ତୁ ଉଭୟ ୧୧୩ ରନ୍‌ର ଭାଗୀଦାର ଗଢ଼ି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ଗିଲ୍‌ଙ୍କ ପରେ ଜାକବ ଡଫି ୩ ୱିକେଟ୍ ନେଇ ଭାରତର ବିଜୟ ବିଳମ୍ବ କରିଥିଲେ। ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର

(୧୫)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶେଷରେ କେଏଲ୍ ରାହୁଲ (୩୫) ଓ ନମନ ଧୀର (୫୫) ଅପରାଜିତ ରହି ୫୬ ବଲ୍ ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲେ। ଅଂଶୁଲ କମ୍ବୋଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ କୋହଲି (୮୭୧୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପଛାଡ଼ଧାବନ ଦିନିକିଆ ରନ୍‌ରେ କିଂବଦନ୍ତି ସଚିନ ତେନ୍ଦୁଲକର (୮୭୧୦)ଙ୍କୁ ଟପିଛନ୍ତି।

ପୂର୍ବରୁ ଅର୍ଶଦୀପ ସିଂହ, ଗୁରନୂର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ହେଲେ ୧୧ ନମ୍ବର ବ୍ୟାଟର୍ ବ୍ଲେୟର ଟିକ୍‌ନରଙ୍କ ୨୩ ବଲ୍‌ରୁ ୧ ଚୌକା ଓ ୪ ଛକା ସହୟତାରେ ୩୪ ରନ୍‌ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନ ଜନକ ସ୍କର୍ କରିପାରିଥିଲା। ଅର୍ଶଦୀପଙ୍କ ଶେଷ ଓଭରରେ ଟିକ୍‌ନର ୩ଟି ଛକା ମାରି ଦଳୀୟ ସ୍କର୍ ୧୮୦ ପାର୍ କରିଥିଲେ। ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।

ପାୱାରପ୍ଲେରେ ଅର୍ଶଦୀପ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା। ଟିମ୍ ସେଫର୍ଟ (୩୮) ଓ ଡାରିଲ ମିଚେଲ (୨୮) ତୃତୀୟ ୱିକେଟ୍‌ରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। ଏହାପରେ ଦଶମ ୱିକେଟ୍‌ରେ ଟିକ୍‌ନର ଓ ଡଫି (୧୫ ଅପରାଜିତ)ଙ୍କ ୪୫ ରନ୍ ଦ୍ୱିତୀୟ ସର୍ବାଧିକ ଭାଗୀଦାର ହୋଇଥିଲା।

ସଂକ୍ଷିପ୍ତ ସ୍କର୍: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍‌ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨)। ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪)।

ଅକଲାଣ୍ଡରେ କୋହଲିଙ୍କ 'ବିରାଟ' ରେକର୍ଡ

ନୂଆଦିଲ୍ଲୀ,୦୪।୧୧: ଟି-ଟ୍ୱେଣ୍ଟି ପରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ଆରମ୍ଭ ହୋଇଛି । ଅକଲାଣ୍ଡରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯାଉଛି । ବର୍ଷା ପାଇଁ ଟସ୍ ବିଳମ୍ବରେ ପଡିଥିଲା । ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ଗିଲ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮୫ ରନରେ ଅଲଆଉଟ୍ ହୋଇଛି । ଭାରତୀୟ ବୋଲର ଅର୍ଶଦୀପ ଏବଂ ଗୁରନୁର ବ୍ରାରଙ୍କ ଜାଲରେ ଫସିଥିଲା ଘରୋଇ ଦଳ । ୧୮୬ ରନର୍ ବିଜୟ ଲକ୍ଷ୍ୟ ନେଇ ଟିମ୍ ଇଣ୍ଡିଆ ଇନିଂସ ଆରମ୍ଭ କରିଥିଲା । ରୋହିତ ଶର୍ମା ଖାତା ଖୋଲି ପାରିନଥିଲେ । ଏହା ପରେ ବର୍ଷା ପାଇଁ କିଛି ସମୟ ଖେଳରେ ବ୍ରେକ୍ ଲାଗିଲା ଶେଷରେ ଡିଏଲଏସ ପଦ୍ଧତିରେ ୧୪୩ ରନର ଟାର୍ଗେଟ ସେଟ୍ କରାଯାଇଥିଲା । ଦ୍ୱିତୀୟ ଇନିଂସ ୩୨ ଓଭରକୁ କରାଯାଇଥିଲା । ରିପୋର୍ଟ ଲେଖାଯିବା ସୁଦ୍ଧା ବିରାଟ କୋହଲି ୩୪ ବଲ ଖେଳି ୪୭ ରନ୍ କରିଛନ୍ତି । ଯେଉଁଥିରେ ୭ଟି ଚୌକା ଏବଂ ଗୋଟିଏ ଛକା ରହିଛି । ଏହା ସହିତ ବିରାଟ ଅକଲାଣ୍ଡରେ ବଡ଼ ରେକର୍ଡ ଧମାକା କରିଛନ୍ତି । ନମ୍ବର ୩ରେ ବ୍ୟାଟିଂ କରି ୧୩ ହଜାର ରନ୍ କରିଥିବା ଏକମାତ୍ର ବ୍ୟାଟର ହୋଇଛନ୍ତି ।

ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୧୨ତମ ରନ୍ କରିବା ମାତ୍ରେ ସେ ଏକ ବିଶେଷ ସଫଳତା ହାସଲ କରିଛନ୍ତି । ସେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ୍ ସ୍କରର ଭାବେ ୩ ନମ୍ବରରେ ରହି ସାରିଥିଲେ । ବର୍ତ୍ତମାନ ବିଶ୍ୱ ରେକର୍ଡ କରିଛନ୍ତି । ପ୍ରଥମ ବ୍ୟାଟର ଭାବେ ଦିନିକିଆ କ୍ରିକେଟରେ ୩ ନମ୍ବରରେ ୧୩,୦୦୦ ରନ୍ ଅତିକ୍ରମ କରିଛନ୍ତି । ରିକି ପଣ୍ଟିଂ କିଛିଦିନ ପୂର୍ବରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ୩ ନମ୍ବରରେ ସର୍ବାଧିକ ରନ୍ କରିଥିବା ବ୍ୟାଟର ଥିଲେ, ଯିଏକି କିଛି ମାସ ପୂର୍ବରୁ ବିରାଟଙ୍କ ଠାରୁ ପଛରେ ରହିଥିଲେ । ବର୍ତ୍ତମାନ ଏଥିରେ ୧୩୦୦୦ ରନ୍ ଅତିକ୍ରମ କରିଥିବା ପ୍ରଥମ ବ୍ୟାଟର ହୋଇଛନ୍ତି କିଙ୍ଗ୍ କୋହଲି । ବିରାଟ କୋହଲି ମଧ୍ୟ ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିଛନ୍ତି, ଯାହା ତାଙ୍କ ନାମରେ ଏକ ବିଶ୍ୱ ରେକର୍ଡ ।

ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ ୧୨୬୨୨ ରନ୍ କରିଥିଲେ । ତାଙ୍କର ହାରାହାରି ୪୨.୪୮ ଥିଲା, କିନ୍ତୁ ବିରାଟ ୬୦ରୁ ଅଧିକ ହାରାହାରି ସହ ତାଙ୍କୁ ଅତିକ୍ରମ କରି ବର୍ତ୍ତମାନ ୬୧.୬୧ ହାରରେ ୧୩ ହଜାରରେ ପହଞ୍ଚିଛନ୍ତି । ଅକଲାଣ୍ଡରେ ପ୍ରଥମ ଦିନିକିଆ ମ୍ୟାଚରେ ବିରାଟ କୋହଲିଙ୍କୁ ଦ୍ୱିତୀୟ ଓଭରରେ ପଡ଼ିଆରେ ବ୍ୟାଟିଂ କରିବାକୁ ଆସିବାକୁ ପଡ଼ିଥିଲା । କାରଣ ରୋହିତ ଶର୍ମା ୬ ବଲରେ ଖାତା ଖୋଲି ନପାରି ଆଉଟ୍ ହୋଇଥିଲେ ।

ବର୍ଷା ଆସିବା ପର୍ଯ୍ୟନ୍ତ ବିରାଟ ୨୭ ବଲରେ ୫ ଚୌକା ସାହାଯ୍ୟରେ ୨୯ ରନ୍ କରିଥିଲେ । ଭାରତୀୟ ଇନିଂସର ୧୦.୫ ଓଭର ପରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୦୭.୪୧ ଥିଲା । ଦ୍ୱିତୀୟ ୱିକେଟ୍ ପାଇଁ ସେ ଓପନର ଶୁଭମନ ଗିଲଙ୍କ ସହ ୫୦ ରନର ଭାଗିଦାରୀ କରିଥିଲେ । ଏହା ପରେ ଡିଏଲଏସରେ ଟାର୍ଗେଟ୍ ୧୪୩ କରାଯାଇଥିଲା । କୋହଲି ୪୭ ବଲରେ ୬୯ ରନ୍ କରି ଖେଳୁଛନ୍ତି । ୩୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ବିରାଟ । ଏହା ତାଙ୍କର ୮୦ ତମ ଦିନିକିଆ ଅର୍ଦ୍ଧଶତକ ।

ଅଲମ୍ପିକ୍ସ ଆୟୋଜକ ଦୌଡ଼ରେ ୭ ଦେଶ

ନୂଆଦିଲ୍ଲୀ,୦୪/୧୧: ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ୭ ଦେଶ ମଧ୍ୟରେ ସାମିଲ ହୋଇଛି ଭାରତ । ଆଇଓସି (ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି) ନିରନ୍ତର ଆଲୋଚନା ପ୍ରକ୍ରିୟାରେ ଭାରତ ସମେତ ଜର୍ମାନୀ, ହଙ୍ଗେରୀ, କତାର, ଦକ୍ଷିଣ କୋରିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସାମିଲ ହୋଇଛନ୍ତି । ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଗୁଜରାଟର ଅହମ୍ମଦାବାଦକୁ ପ୍ରସ୍ତାବିତ ଆୟୋଜକ ସହର ଭାବେ ବିଡ୍‌ରେ ସ୍ଥାନିତ କରାଯାଇଛି । ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମଧ୍ୟ ଏଠାରେ ଆୟୋଜିତ ହେବାକୁ ଯାଉଛି । ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ପ୍ରଥମେ ୨୦୨୪ରେ ଆଗ୍ରହପତ୍ର ଦାଖଲ କରିଥିଲା । ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏହି ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଆଇଓସି ପକ୍ଷରୁ ଘୋଷିତ ସମୟ ସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସ ମଧ୍ୟରେ ଆଗ୍ରହୀ ଦେଶ ଗୁଡ଼ିକ ନିଜ ଆୟୋଜନ ପ୍ରସ୍ତାବ ଫ୍ୟୁଚର ହୋଷ୍ଟ କମିଶନ ନିକଟରେ ଉପସ୍ଥାପନ କରିବେ ।

୨୦୨୭ ମାର୍ଚ୍ଚ ମାସରେ ପ୍ରାରମ୍ଭିକ ବିଡ୍ ମୂଲ୍ୟାୟନ ଓ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ ହେବ । ୨୦୨୮ ଡିସେମ୍ବର ମାସରେ ପସନ୍ଦର ଆୟୋଜକ ଦେଶ ଗୁଡ଼ିକ ସହ ଚୂଡ଼ାନ୍ତ ଆଲୋଚନା କରିବ ଆଇଓସି

। ୨୦୨୯ ମଧ୍ୟଭାଗରେ ଆଇଓସି ସଦସ୍ୟମାନେ ଚୂଡ଼ାନ୍ତ ଆୟୋଜକ ଦେଶ ଚୟନ କରିବେ । ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସୁଯୋଗ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ଐତିହାସିକ ଉପଲବ୍ଧି ହୋଇପାରେ । ତେବେ ଏଥିପାଇଁ କ୍ରୀଡ଼ା ଭିତ୍ତିଭୂମି, ଆର୍ଥିକ ଯୋଜନା, ଜନସମର୍ଥନ, ଆୟୋଜନ କ୍ଷମତା ଏବଂ ଦୀର୍ଘମିଆଦୀ ଲାଭ ଭଳି ବିଭିନ୍ନ ଦିଗରେ ଭାରତକୁ ନିଜର ଦକ୍ଷତା ପ୍ରମାଣ କରିବାକୁ ପଡ଼ିବ ।

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କୋଟିଆ...

ରଖିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏବେ ଆନ୍ଧ୍ର ସରକାର ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା କରି ବଳପୂର୍ବକ ନିର୍ବାଚନ କରିବାକୁ ଚେଷ୍ଟା କରୁଥିବାରୁ ଏକ ଗମ୍ଭୀର ସାମ୍ବିଧାନିକ ସଙ୍କଟ ଉପୁଜିଛି।

ମୁଖ୍ୟମନ୍ତ୍ରୀଙ୍କୁ..

ଆନ୍ତରିକତା ନାହିଁ । ଯେଉଁଥି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ । ନିଜ ଦାୟିତ୍ୱ ନିର୍ବାହ ନ କରି ସୀମା ବିବାଦ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି ରାଜ୍ୟ ସରକାର । ନିର୍ବାଚନ ସମୟରେ ସୀମା ବିବାଦକୁ ନେଇ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ । ସୀମା ବିବାଦ ସମାଧାନ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଫଳସ୍ୱରୂପ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୁଳିପୁଟ ଗ୍ରାମପଞ୍ଚାୟତର ଜୁମଡାଙ୍ଗ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରି ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ବସିଛି ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ସୀମା ବିବାଦକୁ ନେଇ ବିଜେଡି ସରକାର ସମୟରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ସୀମା ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିଥିଲେ ସୁଦ୍ଧା କେନ୍ଦ୍ର ସରକାର ତାହା ପାଳନ କରିଲେ ନାହିଁ । ବର୍ତ୍ତମାନ ଓଡ଼ିଶା ଓ ଆନ୍ଧ୍ର ସମେତ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ସୀମା ବିବାଦ ସମାଧାନ ନ ହେବା ଅତ୍ୟନ୍ତ ନିନ୍ଦନୀୟ । ଆନ୍ଧ୍ର କେବଳ କୋଟିଆ ନୁହେଁ, ଏବେ ମାଲକାନଗିରି ଜିଲ୍ଲା ଉପରେ ଦୃଷ୍ଟି ପକେଇଛି । ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୁଳିପୁଟ ଗ୍ରାମପଞ୍ଚାୟତର ଜୁମଡାଙ୍ଗ ଗ୍ରାମର ବାସିନ୍ଦାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ପ୍ରୟାସ କରୁଛି ଆନ୍ଧ୍ର । କିନ୍ତୁ ରାଜ୍ୟ ସରକାରଙ୍କ ପାଖରେ ଏହାର କୌଣସି ଖବର ନାହିଁ । ବିଜେପିର ନେତା ଓ ମନ୍ତ୍ରୀ ମାନେ ସୀମା ବିବାଦକୁ ନେଇ କେବଳ ବାହାଘୋଟ ମାରୁଛନ୍ତି । ସୀମା ବିବାଦ ପ୍ରସଙ୍ଗରେ କେନ୍ଦ୍ର ଯଦି ହସ୍ତକ୍ଷେପ କରନ୍ତା, ତେବେ ଓଡ଼ିଶାକୁ ପଶିପାରନ୍ତା ନାହିଁ ଆନ୍ଧ୍ର । କିନ୍ତୁ କେନ୍ଦ୍ର ତାହା କରିବାରେ ଅସମର୍ଥ, କାରଣ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁଙ୍କ ସରକାରର ସମର୍ଥନ ଯୋଗୁଁ କେନ୍ଦ୍ରରେ ଟିକ୍ଷି ରହିଛି ବିଜେପି ସରକାର । ଯଦି ଆନ୍ଧ୍ର ସମର୍ଥନ ପ୍ରତ୍ୟାହାର କରେ, ତେବେ କେନ୍ଦ୍ରରେ ବିଜେପି ସରକାର ଭାଙ୍ଗିଯିବ । ତେଣୁକରି କେନ୍ଦ୍ର ଓ ରାଜ୍ୟ ସରକାର ନିଜର ଅସହାୟତା ପ୍ରଦର୍ଶନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି । ବିଜେଡି ଶାସନ କାଳରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରାଇବାକୁ ପ୍ରୟାସ କରିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁପ୍ରିମକୋର୍ଟରେ ପିଟିସନ୍ ? ଦାଖଲ କରି ପଦକ୍ଷେପ ଗ୍ରହଣ କରିଥିଲେ । କିନ୍ତୁ ବର୍ତ୍ତମାନର ସରକାର କେବଳ ଦେଖଣାହାରୀ ସାଜିଛନ୍ତି । ରାଜ୍ୟ ସରକାର କୋଟିଆ ସମେତ ଅନ୍ୟ ବିବାଦୀୟ ସ୍ଥାନରେ ତୁରନ୍ତ ଦୃଷ୍ଟି ଦିଅନ୍ତୁ । ସୀମାକୁ ସିଲ୍ ? କରି ଆନ୍ଧ୍ରର ଅନୁପ୍ରବେଶକୁ ବନ୍ଦ କରିବା ସହିତ ନିର୍ବାଚନକୁ ପଣ୍ଡ କରନ୍ତୁ ସରକାର ।

ଉଲ୍ଲେଖଯୋଗ୍ୟ ଯେ, ଗତମାସ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଚିଠି ଲେଖି କୋଟିଆ ପଂଚାୟତରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ବାଚନ ଘୋଷଣା କରିବା ଘଟଣା ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଆନ୍ଧ୍ରପ୍ରଦେଶ କିପରି ଏଠାରେ ନିର୍ବାଚନ କରିବାକୁ ସାହସ ଜୁଟାଇଲା ଓ ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶ୍ରୁତି ଏବେ କୁଆଡ଼ ? ଗଲା ବୋଲି ସେ ପ୍ରଶ୍ନ କରିଥିଲେ। ଅକ୍ଟୋବର ୨୭ ତାରିଖରେ ତା'ର ଜବାବ ଦେଇ ଏଭଳି ସମ୍ବେଦନଶୀଳ ଆନ୍ତଃରାଜ୍ୟ ପ୍ରସଙ୍ଗରେ ରାଜନୀତିକ ଫାଇଦା ଖୋଜିବା ବଦଳରେ ସମସ୍ତେ ସଂଯମତା ଅବଲମ୍ବନ କରି ଆଇନଗତ ଓ ସାମ୍ବିଧାନିକ ମାର୍ଗରେ ସମାଧାନ ପାଇଁ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ।

୨୫୪୭୩ କୋଟିର...

ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଦୁଇଟି ଲିଥିୟମ୍ ? କାରଖାନା ପାଇଁ ୧୦୦୦ କୋଟି ଟଙ୍କା ଓ ଦୁଇଟି ନିକେଲ କାରଖାନା ପାଇଁ ୧୮୦୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ପ୍ରକଳ୍ପର ତିନିଟି ସ୍ତରରେ ଏହି ରାଶି ଜାରି କରାଯିବ। ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରକ୍ରିୟାକରଣରେ ୧୦ହଜାର କୋଟି ଟଙ୍କା ନିବେଶ ହେବା ଆଶା କରାଯାଉଛି। ସେହିପରି, ଫାଷ୍ଟ ? ଟ୍ରାକ୍ ? ସ୍ୱତନ୍ତ୍ର କୋର୍ଟ ସରକାରୀ ଓକିଲ ଓ ଆବଶ୍ୟକ ଷ୍ଟାଫ୍ ? ଯୋଗାଇ ଦିଆଯିବ। ଗ୍ରିଡ୍ ? ସ୍ତରୀୟ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ପାଇଁ ମଞ୍ଜୁର ହୋଇଥିବା ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଏହା ଜରିଆରେ ୯୭,୬୦୦ କୋଟି ଟଙ୍କାର ନିବେଶ ଆସିବା ଆଶା କରାଯାଉଛି। ଏହି ଯୋଜନା ଅଧୀନରେ ୬୦ ଗିଗାୱାଟ୍ ?ର ପମ୍ପ୍ ?ଡ ଷ୍ଟୋରେଜ୍ ? କାରଖାନା ଓ ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି।

କେନ୍ଦ୍ର ଓ...

ସମ୍ପୂର୍ଣ୍ଣ ଆଇନଗତ ସୁରକ୍ଷା ପ୍ରଦାନ କରିବା ଅତ୍ୟଧିକ ଏବଂ ନିର୍ବାଚନ କମିଶନର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ସୀମାଠାରୁ ଅଧିକ ।"

ଅର୍ଣ୍ଣବ...

ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟବେଳେ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ ଆର୍ଥ ?କ ସହାୟତା ଓ ରିଲିଫ୍ ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଚଳିତମାସ ୭ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବନ୍ଦ ରହିଲେ ମଧ୍ୟ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରେ ଉପସ୍ଥିତ ରହି ନିଜ ନିଜ ଦାୟିତ

ହାତଗୋଡ ବାନ୍ଧି ବୃଦ୍ଧାଙ୍କୁ ହତ୍ୟା

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ରାଜଧାନୀରେ ୭୬ ବର୍ଷୀୟ ବୃଦ୍ଧାଙ୍କୁ ଟଙ୍କା ଓ ସୁନାଗହଣା ପାଇଁ ହତ୍ୟା କରାଯିବା ଘଟଣା ଚାଂଚଲ୍ୟ ଖେଳାଇଦେଇଛି। ମୃତ ବୃଦ୍ଧା ଜଣକ ହେଉଛନ୍ତି କୁଞ୍ଜଲତା ନନ୍ଦ। ଟଙ୍କା ଓ ସୁନା ଲୋଭରେ କେୟାର ଟେକର ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଲକ୍ଷ୍ମୀସାଗର ବୁଦ୍ଧନଗରରରେ ଏକାକୀ ରହୁଥିଲେ କୁଞ୍ଜଲତା ନନ୍ଦ। ବୃଦ୍ଧା ମାଆଙ୍କ ଦେଖାଶୁଣା ପାଇଁ ଘରେ ରଖାଯାଇଥିଲା କେୟାରଟେକର।

ଅଭିଯୋଗ ଅନୁସାରେ, ରାତି ପ୍ରାୟ ୯ଟାରୁ ଘରର ସିସିଟିଭି ବନ୍ଦ କରିଦିଆଯାଇଥିଲା। ସକାଳ ହେବା ପରେ ତଳ ମହଲାରେ ରହୁଥିବା ଲୋକେ କୁଞ୍ଜଲତା କବାଟ ଖୋଲୁନଥିବା ତାଙ୍କ ଝିଅଙ୍କୁ ଜଣାଇଥିଲେ। ଖବର ପାଇ ଜ୍ୱାଇଁ ଘରେ ପହଂଚିଥିଲେ। ହେଲେ ଭିତରୁ କବାଟ ବନ୍ଦ ଥିଲା। ପୋଲିସ ଉପସ୍ଥିତିରେ କବାଟ ଖୋଲାଯିବା ପରେ ଯାହା ଦେଖିବାକୁ ମିଳିଥିଲା, ତାହା ଥିଲା ଅତ୍ୟନ୍ତ ଭୟଙ୍କର। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା ୭୬ ବର୍ଷୀୟା ବୃଦ୍ଧାଙ୍କ ମୃତଦେହ। ହାତଗୋଡ଼ ବନ୍ଧା ହୋଇଥିବା ବେଳେ ମୁଣ୍ଡରେ ରହିଥିଲା ଗଭୀର କ୍ଷତଚିହ୍ନ। ଘରର ଆଲମିରା ମଧ୍ୟ ଭଙ୍ଗାଯାଇଥିଲା। ଆଉ ଘରେ ନଥିଲେ ଖୋର୍ଦ୍ଧା ଟାଙ୍ଗୀ ଅଂଚଳର ବଳଭଦ୍ର ମହାରଣା। ଯିଏ ଗତ ୪ ମାସ ଧରି କୁଞ୍ଜଲତାଙ୍କ କେୟାରଟେକର ଭବେ କାମ କରୁଥିଲେ। ଘରୁ ପ୍ରାୟ ୪ରୁ ୫ ଭରି ସୁନା, ନଗଦ ୬୦ ହଜାର ଟଙ୍କା ଏବଂ ସ୍କୁଟି ନେଇ ସେ ଫେରାର ହୋଇଥିବା ଅଭିଯୋଗ ହୋଇଛି। କେବଳ ଜଣେ ନୁହେଁ, ଏହି ହତ୍ୟା ଓ ଲୁଟ୍ ପଛରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥାଇପାରେ ବୋଲି ଝିଅ-ଜ୍ୱାଇଁ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପଟେ ଘଟଣା ସ୍ଥଳରେ ପୋଲିସ କମିଶନର ଭୁବନେଶ୍ୱର ଡିସିପି ପହଂଚିଥିଲେ। ଲକ୍ଷ୍ମୀସାଗର ପୋଲିସ ଓ ସାଙ୍ଗଟିଫିକ୍ ଟିମ୍ ପହଂଚି ତଦନ୍ତ ଜାରି ରଖିଛନ୍ତି।

ପରିସଂଖ୍ୟାନ ବିଭାଗରେ ନିଯୁକ୍ତ ହେବେ ଡାଟା ଅଫିସର

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ରାଜ୍ୟରେ ପ୍ରମାଣଭିତିକ ନୀତି ନିର୍ଦ୍ଧାରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏବଂ ଅବଦୁଲ୍ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ୍ ଲ୍ୟାବ୍ (ଜେ-ପାଲ) ସାଉଥ୍ ଏସିଆ ମଧ୍ୟରେ ଆଜି ତିନିବର୍ଷିଆ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରଶ୍ମି କବି ଏବଂ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଶୋଭିନୀ ମୁଖାର୍ଜୀ ସ୍ୱାକ୍ଷର କରିଥିଲେ।ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟକାରୀ ସହଯୋଗୀ ନିର୍ଦ୍ଦେଶକ (ନୀତି) ମୁରଲୀ ମଲ୍ଲିକାର୍ଜୁନନ୍ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚ (ଆଇଏଫ୍ଏମ୍ଆର୍) ଠାରେ ପରିଚାଳିତ ଜେ-ପାଲ ସାଉଥ୍ ଏସିଆ ରାଜ୍ୟର ବିଭିନ୍ନ ବିଭାଗ ସହିତ ମିଶି ପ୍ରମୁଖ ନୀତିଗତ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା, ବୈଜ୍ଞାନିକ ଓ ବ୍ୟାପକ ଗବେଷଣା ମାଧ୍ୟମରେ ନିର୍ଭରଯୋଗ୍ୟ ପ୍ରମାଣ ସଂଗ୍ରହ କରିବା ଏବଂ ଗବେଷଣାରୁ ମିଳିଥିବା ନିଷ୍କର୍ଷକୁ କାର୍ଯ୍ୟକାରୀ ନୀତିଗତ ସୁପାରିଶରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବ।ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗ ଏହାର ସଂସ୍ଥାଗତ ପରିଚାଳନା ବ୍ୟବସ୍ଥାକରିବ ।

ଜେ-ପାଲ ସାଉଥ୍ ଏସିଆର ସହ ବୁଝାମଣା ସ୍ୱାକ୍ଷରିତ

'ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭' ମାଧ୍ୟମରେ 'ବିକଶିତ ଓଡ଼ିଶା'ଏବଂ "ବିକଶିତ ଭାରତ" ଗଠନ ନିମନ୍ତେ ରାଜ୍ୟର ଭବିଷ୍ୟତ ବିକାଶର ରୂପରେଖ ପ୍ରସ୍ତୁତ କରାଯାଇଛି।୨୦୦୬ ମସିହାରୁ ଓଡ଼ିଶାରେ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟକଳାପ ଜାରି ରହିଛି। ପ୍ରାରମ୍ଭିକ ଶୈଶବ ଶିକ୍ଷା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଶାସନ ବ୍ୟବସ୍ଥା, ପରିମଳ, କୃଷି ଏବଂ ଲିଙ୍ଗଗତ ସମାନତା ଭଳି ବିଭିନ୍ନ କ୍ଷେତ୍ରରେ ଏହି ସହଭାଗିତା କାର୍ଯ୍ୟ କରିଆସୁଛି।ଏହି ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ସରକାର ନିଜର ବିକାଶମୂଳକ ଦୂରଦୃଷ୍ଟିକୁ ସାକାର କରିବା ଦିଗରେ ସହଯୋଗ ପାଇଁ ଜେ-ପାଲ ସାଉଥ୍ ଏସିଆର ସହଯୋଗ ଲୋଡ଼ିଛନ୍ତି । ଜେ-ପାଲ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସେମାନଙ୍କର ପ୍ରମୁଖ ନୀତିଗତ ପ୍ରାଥମିକତା ଓ ଆହ୍ୱାନଗୁଡ଼ିକୁ ବୁଝିବା ସହ ଆବଶ୍ୟକୀୟ ଗବେଷଣା ଓ ନୀତିଗତ ସହାୟତା ଯୋଗାଇଦେବ ।

ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଗର୍ଗ କହିଛନ୍ତି ଯେ, "ବିକଶିତ ଭାରତ" ଗଠନ ଦିଗରେ ଆମେ "ବିକଶିତ ଓଡ଼ିଶା"ର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଏହି ଲକ୍ଷ୍ୟ ହାସଲ ପାଇଁ ନୀତିଗତ ଗବେଷଣା ଓ ନୂତନ ଅଭିନବ ପଦକ୍ଷେପର ପରୀକ୍ଷାମୂଳକ ପ୍ରୟୋଗ ପାଇଁ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ସାମିଲ କରିବା ସହ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପଦ୍ଧତି ଅନୁସାରେ ତଥ୍ୟ ଓ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଛି।ଜେ-ପାଲ ସାଉଥ୍ ଏସିଆର ଭୂମିକାକୁ ମୁଁ ତିନୋଟି ଦିଗରୁ ଦେଖୁଛି। ପ୍ରଥମତଃ, ଆମର ପ୍ରାଥମିକତା ଅନୁଯାୟୀ ବିଶ୍ୱସ୍ତରରେ ଉପଲବ୍ଧ ସର୍ବାଧିକ ପ୍ରାସଙ୍ଗିକ ଗବେଷଣାଲବ୍ଧ ପ୍ରମାଣ ଓ ଅଭିଜ୍ଞତା ଉପଲବ୍ଧ କରାଇବା। ଦ୍ୱିତୀୟତଃ, ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ସମ୍ଭାବନାମୟ ପଦ୍ଧତିଗୁଡ଼ିକୁ ଅନୁକୂଳ କରିବା ପାଇଁ ବିଭିନ୍ନ ବିଭାଗ ସହ ମିଶି କାର୍ଯ୍ୟ କରିବା। ତୃତୀୟତଃ, କୌଣସି ସମାଧାନମୂଳକ ପଦକ୍ଷେପକୁ ବ୍ୟାପକ ସ୍ତରରେ କାର୍ଯ୍ୟକାରୀ କରିବା ପୂର୍ବରୁ ତାହାର ପ୍ରଭାବଶୀଳତା ପରୀକ୍ଷା କରିବା ସହ ପ୍ରମାଣ ଓ ତଥ୍ୟ ଆଧାରିତ ସମାଧାନ ପ୍ରସ୍ତୁତିରେ ଆମକୁ ସହଯୋଗ କରିବା।"

ରାଜା ଚକ୍ରଙ୍କ ଘରେ ଇଓଡବ୍ଲୁ

କେନ୍ଦୁଝର, ୪।୧୧ (ସ୍ୱାଧିକାରନ୍ୟୁଜ): ଗୋଟିଏ ପରେ ଗୋଟିଏ ମାମଲାକୁ ନେଇ ଚର୍ଚ୍ଚାରେ ରାଜା ଚକ୍ର। ପୂର୍ବରୁ ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅର୍ଥ କାରବାର ସମ୍ପର୍କିତ ମାମଲାରେ ଗତ ବର୍ଷ ମାର୍ଚ୍ଚ ମାସରେ ଇଡି ତାଙ୍କୁ ଗିରଫ କରିଥିବା ବେଳେ, ଏବେ ପୁଣି ଏକ କ୍ରସର କିଣାବିକା ମାମଲାକୁ ନେଇ ଇଓଡବ୍ଲୁର ଚଢ଼ାଉ । ଆଜି କେନ୍ଦୁଝରରେ ରାଜା ଚକ୍ର ଓ ତାଙ୍କର ସହଯୋଗୀ ସଦାଶିବ ସାମଲଙ୍କ ଘରେ ଇଓଡବ୍ଲୁର ଦୁଇଟି ଟିମ୍ ଚଢ଼ାଉ କରିଛି । ଗତ ୧୦ ତାରିଖ ଦିନ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୁନଝରଣ ଗାଁରେ ପହଞ୍ଚି ସରଜମିନ ତଦନ୍ତ କରିଥିଲା ତଦନ୍ତକାରୀ ଟିମ୍।

ପାର୍କ ନିକଟରୁ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ରାଜଧାନୀ ଭୁବନେଶ୍ୱରର ଗାଡ଼ାକଣ ଅଂଚଳସ୍ଥିତ କେଳୁଚରଣ ପାର୍କ ନିକଟରୁ ବୁଧବାର ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ପୋଡ଼ି ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତକଙ୍କ ପରିଚୟ ଏବଂ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ। ମୃତଦେହରେ ବିଭିନ୍ନ ସ୍ଥାନରେ ପୋଡ଼ା ଚିହ୍ନ ରହିଥିବାବେଳେ ମୃତକ ପିନ୍ଧିଥିବା ସାର୍ଟ ମଧ୍ୟ ପୋଡ଼ିଯାଇଛି। ମୃତଦେହର ଅବସ୍ଥା ଦେଖି ଏହା ଘଟଣାସ୍ଥଳରେ ଏକାଧିକ ଦିନ ଧରି ପଡ଼ି ରହିଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିଚୟ ଲୁଚାଇବା ଏବଂ ହତ୍ୟା ସମ୍ପର୍କିତ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ପୋଡ଼ାଯାଇଛି କି ନାହିଁ, ସେନେଇ ପୁଲିସ ତଦନ୍ତ କରୁଛି। ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବାବେଳେ ଏକ ବୈଜ୍ଞାନିକ ଦଳ ମଧ୍ୟ ସେଠାରେ ପହଂଚି ଯାଂଚ କରିଛି। ଦଳ ପକ୍ଷରୁ ଘଟଣାସ୍ଥଳରୁ ବିଭିନ୍ନ ବୈଜ୍ଞାନିକ ପ୍ରମାଣ ଓ ନମୁନା ସଂଗ୍ରହ କରାଯାଇଛି। ମୃତକଙ୍କ ପରିଚୟ ଏବଂ ମୃତ୍ୟୁର କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

ବ୍ୟାଙ୍କ ଲୁଟ୍‌ରେ କଲେଜ ଛାତ୍ର

ସୁନ୍ଦରଗଡ, ୪।୧୧ (ସ୍ୱାଧିକାରନ୍ୟୁଜ): କଲେଜ ଛାତ୍ର ସାଜିଥିଲେ ଲୁଟେରା। ଗତ ସେପ୍ଟେମ୍ବର ମାସ ୭ ତାରିଖରେ ଲୁଟିଥିଲେ ସୁନ୍ଦରଗଡ ସଦର ଥାନା କନ୍ଦାବାହାଲ ସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ। ପୁଣି ଥରେ ସେହି ବ୍ୟାଙ୍କରେ ଲୁଟ ଉଦ୍ୟମ କଲାବେଳେ ମାଡିବସିଲା ପୋଲିସ। ଉଭୟ ଲୁଟରେ ସାମିଲ ଥିବା ସ୍ଥାନୀୟ ଭେଡାବାହାଲ କଲେଜର ୪ ଜଣ ବିଜ୍ଞାନ ଛାତ୍ରଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହାଛଡା ଲୁଟରେ ବ୍ୟବହାର କରାଯାଇଥିବା ବନ୍ଧୁକ, ମୁଖା ମୋବାଇଲ ଫୋନ ସମେତ ଅନ୍ୟ ସାମଗ୍ରୀ ଜବତ କରିଛି ପୋଲିସ। ସାଧାରଣ କଲେଜରେ ପଢୁଥିବା ଛାତ୍ର ଲୁଟ ଘଟାଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୁନ୍ଦରଗଡ ଏସପି ଆମ୍ରିତ ପାଲ କୌର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଓଡ଼ିଶାରେ ସିମ୍ ଆକ୍ଟିଭ୍, ଚାଇନାକୁ ଯାଉଥିଲା ଓଟିପି

ଭଦ୍ରକ, ୪।୧୧ (ସ୍ୱାଧିକାରନ୍ୟୁଜ): ଓଡ଼ିଶାର ସିମ୍ କାର୍ଡ, ଚାଇନାରେ ହେଉଥିଲା ଠକେଇ। ଲୋକଙ୍କ ନାଁରେ ଜାଲ୍ ସିମ୍ ଆକ୍ଟିଭ୍ କରି ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମର ଓଟିପି ପଠାଯାଉଥିଲା ବିଦେଶୀ ସାଇବର ଠକଙ୍କ ପାଖକୁ। ଆଉ ଏହି ବେଆଇନ କାରବାରରୁ ମିଳୁଥିବା କମିଶନ ଟଙ୍କା କ୍ରିପ୍ଟୋକରେନ୍ସି ଜରିଆରେ ଆସୁଥିଲା ଭାରତକୁ। ଭଦ୍ରକରୁ ଏମିତି ଏକ ଆନ୍ତର୍ଜାତୀୟ ସାଇବର ଠକେଇ ନେଟୱର୍କର ପର୍ଦ୍ଦାଫାସ୍ କରିଛି ପୋଲିସ। ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଚଢ଼ାଉରେ ମିଳିଛି ୧୩୩୩ଟି ଆକ୍ଟିଭ୍ ସିମ୍ କାର୍ଡ। ଭଦ୍ରକ ଏସପିଙ୍କ ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ରଘୁନାଥପୁରର ଶୁଭମ୍ ଜ୍ୟୋତି ନାୟକ । ଶୁଭମ୍ ଏହି ଗ୍ୟାଙ୍ଗର ପ୍ରମୁଖ ସଦସ୍ୟ ବୋଲି ପୋଲିସ କହିଛି । ଶୁଭମ୍ ଓ ତାର ସହଯୋଗୀ ଭୋଡ଼ାଫୋନ ଆଇଡିଆ ଓ ବି ଏସ ଏନ୍ ଏଲ୍ ର ସିମ୍ ଆକ୍ଟିଭ ଏଜେଣ୍ଟ ଆଇଡି ବ୍ୟବହାର କରି କାର୍ଯ୍ୟ କରୁଥିଲେ । ଲୋକଙ୍କନାଁରେ ଥିବା ଏହି ଜାଲିଆଡି ସିମ୍ କୁ ଆକ୍ଟିଭ୍ କରି ହ୍ୱାଟ୍ସଆପ ଓ ଇନଷ୍ଟାଗ୍ରାମରେ ଓଟିପି ଚାଇନାର ସାଇବର୍ ଠକଙ୍କୁ ଦେଉଥିଲେ । ପରେ ଏହି ଠକଙ୍କ ଠାରୁ କମିଶନକୁ ବାଇନାନ୍ସ ଓ କ୍ରିପ୍ଟ କରେନ୍ସୀ ମାଧ୍ୟମରେ ଭାରତୀୟ ମୁଦ୍ରାରେ ପରିବର୍ତ୍ତନ କରି ନିଜେ ଆଣୁଥିଲେ ।ଏହି ଅଭିଯୁକ୍ତ ଘରେ ଚଢ଼ାଉ ବେଳେ ୧୩୩୩ ଆକ୍ଟିଭ ସିମ୍ , ୧୩ ଟି ବ୍ୟାଙ୍କ୍ ପାସବୁକ , ୪ଟି ଚେକ୍ ବହି , ୧ ଲକ୍ଷ ୭୩ ହଜାର ଟଙ୍କା ଜବତ ହୋଇଛି ।

ଅନୁଗୋଳରେ ନାଲକୋର ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ

ଭୁବନେଶ୍ୱର, ୪।୧୧ (ସ୍ୱାଧିକାରନ୍ୟୁଜ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ), ଓଡ଼ିଶାର ଅନୁଗୋଳ ଠାରେ ଏହାର ପ୍ରସ୍ତାବିତ 'ବ୍ରାଉନ୍‌ଫିଲ୍ଡ' ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟ ଗତିଶୀଳ ହୋଇଛି । ଏହି ପ୍ରକଳ୍ପ ମାଧ୍ୟମରେ କମ୍ପାନୀର ସ୍ମେଲ୍ଟିଂ କ୍ଷମତା ବାର୍ଷିକ ୦.୫ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ଫଳରେ ବର୍ତ୍ତମାନର ୦.୪୬ ନିୟୁତ ଟନ୍ ବାର୍ଷିକ କ୍ଷମତା ଦ୍ୱିଗୁଣିତ ହୋଇ ପ୍ରାୟ ୧.୦ ନିୟୁତ ଟନ୍‌ରେ ପହଞ୍ଚିବ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦,୦୦୦ କୋଟି ଟଙ୍କାର ନିବେଶକୁ ମଞ୍ଜୁରୀ ମିଳିସାରିଛି। ଏହାର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଆବଶ୍ୟକୀୟ ବୈଧାନିକ ଅନୁମୋଦନ, ରଣନୀତିକ ଭାଗୀଦାରି ଏବଂ ଅନ୍ୟାନ୍ୟ ସହାୟକ ପଦକ୍ଷେପଗୁଡ଼ିକ ପର୍ଯ୍ୟାୟକ୍ରମେ ସୁନିଶ୍ଚିତ କରାଯାଉଛି ।

ଅନୁଗୋଳରେ ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ, କ୍ଷତିପୂରଣ ଏବଂ ପୁନର୍ବାସ ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାସ ଏବଂ ପରିଧି ବିକାଶ ପରାମର୍ଶଦାତା କମିଟିର ବୈଠକ ମଧ୍ୟ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ, ନାଲକୋ ବିଶ୍ୱସ୍ତରୀୟ ପ୍ରମାଣିତ ଏବଂ ଶକ୍ତି-ଦକ୍ଷ ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟା ଗ୍ରହଣ କରିବା ସୁନିଶ୍ଚିତ କରି, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟ ପାଇଁ ଏହାର ସ୍ମେଲ୍ଟିଂ ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ପାଇଁ ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୧୦୦ ମେଗାୱାଟ୍ସ ବିଦ୍ୟୁତ୍ ଆବଶ୍ୟକ ହେବ । ଏହି ଆବଶ୍ୟକତା ପୂରଣ ନିମନ୍ତେ ନାଲକୋ ପକ୍ଷରୁ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ସହଭାଗୀତା ମାଧ୍ୟମରେ ୧୦୮୦ ମେଗାୱାଟ୍ କ୍ୟାପ୍ଟିଭ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଏକ ଯୁଗ୍ମ ଉଦ୍ୟୋଗ ସ୍ଥାପନ କରିଯିବ । ସ୍ଥାୟୀତ୍ୱ ଏବଂ ସ୍ୱଚ୍ଛ ଶକ୍ତି ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦେଇ, କମ୍ପାନୀ ପ୍ରକଳ୍ପ ଇକୋସିଷ୍ଟମରେ ୨୦୦ ରୁ ୨୫୦ ମେଗାୱାଟ୍ ନବୀକରଣୀୟ ଶକ୍ତିର ଉତ୍ପାଦନ ଦିଗରେ ମଧ୍ୟ ଯୋଜନା କରୁଛି । ଅନୁଗୋଳ ଠାରେ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୩୦-୩୧ ମସିହା ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ନାଲକୋର ଧାତୁ ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ ।

नालको NALCO
A Navratna CPSE under Ministry of Mines
Government of India

ଦାମନଯୋଡ଼ି ଠାରେ ୫ମ ଷ୍ଟ୍ରିମ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପ ଏବଂ ଅନୁଗୋଳ ଠାରେ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଗୁଡ଼ିକ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ନିରନ୍ତର ନିବେଶ, ଦକ୍ଷତା ବିକାଶ ତଥା ଡାଉନଷ୍ଟ୍ରିମ୍ ଏବଂ ଅନୁଷଙ୍ଗିକ ଶିଳ୍ପଗୁଡ଼ିକର ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ନାଲକୋ ପ୍ରତିଶ୍ରୁତିବଦ୍ଧ । ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟରର ସମ୍ପ୍ରସାରିତ କ୍ଷମତା ଆବଶ୍ୟକତା ପୂରଣ କରିବା ପରେ ମଧ୍ୟ ଚଳିତ ୫ମ ଷ୍ଟ୍ରିମ୍ ରିଫାଇନାରୀର କାର୍ଯ୍ୟକ୍ଷମ ହେବା ଦ୍ୱାରା ଅତିରିକ୍ତ ଆଲୁମିନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ପ୍ରାଥମିକ ଭାବରେ ଅତିରିକ୍ତ ଆଲୁମିନା ରପ୍ତାନି କରାଯିବ, କିନ୍ତୁ ନାଲକୋ ଏହାର ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିର ଅଂଶ ଭାବରେ ଗ୍ରୀନଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ ଏବଂ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ଉପଯୁକ୍ତ ସ୍ଥାନ ଅନୁସନ୍ଧାନ କରୁଛି ।

ପଞ୍ଚଭୂତରେ ଲୀନ ହେଲେ ପଦ୍ମଶ୍ରୀ ଅଶୋକ

ପୁରୀ, ୪।୧୧ (ସ୍ୱାଧିକାରନ୍ୟୁଜ): ପଞ୍ଚଭୂତରେ ଲୀନ ହେଲେ ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର। ପୁରୀ ସ୍ୱର୍